# Odisha Legislative Assembly

(ଷଷ୍ଠ ଅଧିବେଶନ )

## ଶୁକ୍ରବାର,୧୯ ଫେବୃଆରୀ, ୨୦୨୧

----

**[ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ - ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା - ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ].**

**ମୋଟ ପ୍ରଶ୍ନର ସଂଖ୍ୟା - 171**

----

### ନୂତନ ରାଜସ୍ବ ଗ୍ରାମ ଘୋଷଣା

1 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ରାଜସ୍ବ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟର କେଉଁ ଜିଲ୍ଲାରେ ବର୍ତ୍ତମାନ କେତୋଟି ରାଜସ୍ବ ମୌଜା ରହିଛି ; (ଖ) ବର୍ତ୍ତମାନର ରାଜସ୍ବ ମୌଜାରେ ଥିବା ପଡାଗ୍ରାମମାନଙ୍କୁ କେଉଁ ଭିତ୍ତିରେ ନୂତନ ରାଜସ୍ବ ମୌଜା ଘୋଷଣା କରିବା ପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ?

----

### ରାଜ୍ୟ ସୀମା ଭିତରେ ଅନୁପ୍ରବେଶ

2 **ଶ୍ରୀ ପ୍ରଶାନ୍ତ କୁମାର ଜଗଦେବ (ଚିଲିକା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ଓଡିଶାର ବିଭିନ୍ନ ଜିଲ୍ଲାର ସୀମାରେ ଥିବା ଗ୍ରାମମାନଙ୍କରେ ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗର ସ୍ଥାନୀୟ ରାଜସ୍ୱ ବିଭାଗର ତହସିଲଦାର, ବ୍ଲକ ଉନ୍ନୟନ ଅଧିକାରୀ ଓ ଅନ୍ୟ ସରକାରୀ ଅଫିସର ମାନଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଭୂମି ଦଖଲ ଓ ରାସ୍ତା ଆଦି ଉନ୍ନୟନମୂଳକ କାର୍ଯ୍ୟ କରାଯାଉଥିବା ଏପରିକି କୋଟିଆର ତିନୋଟି ଗ୍ରାମରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନରେ ସମ୍ପୃକ୍ତି କରିବା ଘଟଣା ଓଡିଶା ସରକାରଙ୍କ ଦୃଷ୍ଟିକୁ ଆସିଛି କି ; (ଖ) 'କ' ପ୍ରଶ୍ନର ଉତ୍ତର ହଁ ହେଲେ ରାଜ୍ୟ ସରକାର ପଡୋଶୀ ରାଜ୍ୟର ସରକାରମାନଙ୍କ ସହ ଆଲୋଚନା କରି ରାଜ୍ୟର ସୀମା ଭିତରେ ଅନ୍ୟ ପଡୋଶୀ ରାଜ୍ୟର ଲୋକଙ୍କ ଅନୁପ୍ରବେଶ, ଜମି ଦଖଲ, ପଞ୍ଚାୟତ ନିର୍ବାଚନ କରାଇବା ଉନ୍ନୟନ ମୂଳକ କାର୍ଯ୍ୟରେ ହସ୍ତକ୍ଷେପ ବନ୍ଦ କରିବେ କି ; ପୂର୍ବରୁ ଓଡିଶାର କେତୋଟି ସୀମା ସଂଲଗ୍ନ ଗ୍ରାମକୁ ନେଇ ପଡୋଶୀ ରାଜ୍ୟ ସହ ଦ୍ୱନ୍ଦ ରହିଛି, ସୁପ୍ରିମକୋର୍ଟରେ କେତୋଟି ମାମଲା ବିଚାରଧୀନ ଅଛି ଏବଂ ତାର ବର୍ତ୍ତମାନ ସ୍ଥିତି କଣ ରହିଛି ?

----

## ଆନ୍ଧ୍ରପ୍ରଦେଶ ଦ୍ୱାରା କୁଡ଼ିଆ ଅଂଚଳ ଜବରଦଖଲ

3 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ କୋରାପୁଟ ଜିଲ୍ଲା ଅନ୍ତର୍ଗତ କୋଟିଆ ଗ୍ରାମ ପୁରା ଆନ୍ଧ୍ର ପ୍ରଦେଶ ଅଧିନକୁ ଚାଲିଯିବ କି ; ଓଡିଶାର ଏହି ଅବିଚ୍ଛେଦ୍ୟ ଅଂଶ ପ୍ରତି ଓଡିଶା ସରକାର ବିମୁଖ ହେବାର କାରଣ କଣ ? (ଖ) ଅପର ପକ୍ଷରେ ଆନ୍ଧ୍ର ସରକାର ଏହି ଅଞ୍ଚଳକୁ ବାରମ୍ବାର ଧସେଇ ପଶିବାର କାରଣ କଣ ; କେଉଁ ସମ୍ପତ୍ତି ଉପରେ ତାଙ୍କର ଦୃଷ୍ଟି ରହିଛି ; ସେହି ଅଞ୍ଚଳବାସୀ ଏବେ ଆନ୍ଧ୍ର ସରକାରଙ୍କ ପଞ୍ଚାୟତ ନିର୍ବାଚନରେ ସାମିଲ ହେଉଛନ୍ତି କି ?

----

## ଟାଟା କମ୍ପାନୀ କୁ ବିଦ୍ୟୁତ କାଯ୍ୟ ଦେବା

4 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) କେଉଁ ଆଧାରରେ ରାଜ୍ୟର ସମସ୍ତ ବିଦ୍ୟୁତକାରୀ ସଂସ୍ଥାକୁ ଟାଟା କମ୍ପାନୀ ହାତକୁ ଟେକି ଦିଆଯାଇଛି ; କେତେ ବର୍ଷ ପାଇଁ ଟାଟା କମ୍ପାନୀ ସେହି ଦାୟୀତ୍ୱରେ ସେଗୁଡିକ ରହିବ ; (ଖ) ହସ୍ତାନ୍ତର ବେଳେ ଟାଟା କମ୍ପାନୀ କେତେ ଆସ୍ତି ଏବଂ ଦେୟ (Asset and Liability) ଗ୍ରହଣ କରିଛି ; ଟାଟା ଦାୟିତ୍ୱ ନେଲା ପରେ ସାଧାରଣ ଗ୍ରାହକ କି ପ୍ରକାର ପ୍ରଭାବିତ ହେବେ ?

----

## କୁଟିଆ ଲୋକ ମାନଙ୍କ ବିକାଶ

5 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) Odisha Andhra Pradesh ସୀମାନ୍ତରେ ଥିବା ମୋଟ କେତେ ଖଣ୍ଡ କୁଟିଆ (Kutiya) ପୁଞ୍ଜ ସମୁହ ଗାଁକୁ Andhra Pradesh ନିଜ ଅଞ୍ଚଳ ବୋଲି (claim) ଦାବୀ କରୁଛି (ଖ) Odisha ରାଜ୍ୟ ସରକାର ଏହି (Kutiya) କୁଟିଆ ପୁଞ୍ଜ ସମୁହ ସମସ୍ତ ଗାଁ ଓ ଲୋକମାନଙ୍କ ବିକାଶ ପାଇଁ କି କି ପଦକ୍ଷେପ ନେଇଛନ୍ତି ; Andhra Pradesh ତୁଳନାରେ Odisha ରାଜ୍ୟ ଏହି ସୀମାନ୍ତ ଅଞ୍ଚଳ ବିକାଶ ନକରୁଥିବା କଥା ସତ୍ୟ କି ?

----

## ସରକାରୀ ଖାତାରେ ଥିବା ଜମିର ପରିମାଣ

6 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) Kantabanji Tahasil ଅନ୍ତର୍ଗତ Kantabanji Town ରେ 1936 Settlement ଏବଂ 1977 ଅନୁଯାୟୀ ଖାତା ନଂ-229 (କ) ରେ କେତେ ମୋଟ ସରକାରୀ ଖାତାରେ ଥିଲା ଓ ଏବେ କେତେ ସରକାରୀ ଖାତାରେ ଅଛି ଏହାର ଗୋଟିଏ ତାଲିକା Plot wise ପ୍ରଦାନ କରିବେ କି ;(ଖ) ଏହି Kantabanji (ଗ) ଖାତା ନଂ-229 ରେ ବହୁ ଲୋକମାନଙ୍କର fake ପଟ୍ଟା ତିଆରି ହେଇଥିବା ସରକାର ଜାଣନ୍ତି କି ; ଏବଂ ସରକାରର ଖାତା-229 (ଗ) ର ସମସ୍ତ Plot ର vigilance ଦ୍ୱାରା ତଦନ୍ତ କରିବେ କି?

----

## ବଗପାଟିଆ ଅଧିବାସୀ ଙ୍କର ଗମନା ଗମନ ସୁବିଧା

7 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ସମୁଦ୍ର ଗ୍ରାସ ରକ୍ଷା ପାଇବା ପାଇଁ କେନ୍ଦ୍ରାପଡା ଜିଲ୍ଲା ସାତଭାୟ ଓ କାନପୁରବାସୀଙ୍କୁ ରାଜ୍ୟ ସରକାର ବଗପାଟିଆ ଠାରେ ଥଇଥାନ କରିଥିଲେ ମଧ୍ୟ ସେମାନଙ୍କୁ ପକ୍କା ରାସ୍ତା, ପିଇବା ପାଣି, ଡ୍ରେନେଜ ସୁବିଧା, ବିଜୁଳି ଆଲୁଅ ଆଦି ମୌଳିକ ଆବଶ୍ୟକତା ଗୁଡିକୁ କେବେ ସୁଦ୍ଧା ଯୋଗାଇ ଦେବେ ଓ ସେଥିପାଇଁ ଚଳିତ ଆର୍ଥିକ ବର୍ଷରେ କେତେ ବ୍ୟୟ ବରାଦ କରାଯାଇଛି ?

----

## କେନ୍ଦ୍ରାପଡ଼ା ଜିଲ୍ଲା ରେ MSME Clusture ସ୍ଥାପନ

8 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଚଳିତ କରୋନା ମହାମାରୀ ଯୋଗୁଁ ବହୁ କୁଶଳୀ ଓ ଅର୍ଦ୍ଧ କୁଶଳୀ ପ୍ରବାସୀ ଶ୍ରମିକ ରାଜ୍ୟକୁ ଫେରିଛନ୍ତି, ସେମାନଙ୍କୁ କର୍ମ ନିଯୁକ୍ତି ଓ ଆତ୍ମ ନିଯୁକ୍ତି ଯୋଗାଇ ଦେବା ପାଇଁ ସରକାରଙ୍କୁ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ କଣ କଣ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି, କେନ୍ଦ୍ରାପଡା ଜିଲ୍ଲାରେ MSME Cluster ସ୍ଥାପନ କରିବା ପାଇଁ ଚଳିତ ବଜେଟରେ ଅର୍ଥ ବରାଦ କରାଯାଇଛି କି, ଯଦି ହଁ, ତେବେ ଏହା କେଉଁଠାରେ ନିର୍ମିତ ହେବ ଓ ଏଥିପାଇଁ କେତେ ଅର୍ଥ ବ୍ୟୟ ହେବ ?

----

## ଫନି ବାତ୍ୟା ଦ୍ୱାରା କ୍ଷୟକ୍ଷତି

9 **ଶ୍ରୀ ଅତନୁ ସବ୍ୟଶାଚୀ ନାୟକ (ମହାକଳାପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଗତ ଫନୀ ବାତ୍ୟାରେ କେତେ ଟଙ୍କାର କ୍ଷୟକ୍ଷତି ଶକ୍ତି ବିଭାଗର ହୋଇଛି, କେନ୍ଦ୍ରାପଡା ଜିଲ୍ଲାରେ ଏହି କ୍ଷତିର ବିବରଣୀ ପ୍ରଦାନ କରିବା ସହ ଏହାର ପୁନଃ ନିର୍ମାଣ ପାଇଁ ବିଭାଗ କେଉଁ ପଦକ୍ଷେପ ନେଇଛି ତାହାର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରିବେ କି ?

----

## OSDMA ଦ୍ୱାରା ରାସ୍ତା ନିର୍ମାଣ

10 **ଶ୍ରୀ ଅତନୁ ସବ୍ୟଶାଚୀ ନାୟକ (ମହାକଳାପଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-OSDMA ଅର୍ଥରେ R.D. Department ଦ୍ୱାରା ନିର୍ମିତ ନୀଳାଞ୍ଚଳ ବଜାର- ଖୁରୁସିଆ (କେନ୍ଦ୍ରାପଡା- ମହାକାଳପଡା) ରାସ୍ତାର ପୁନଃନିର୍ମାଣ କାର୍ଯ୍ୟ OSDMA ହାତକୁ ନେବେ କି ?

----

## ଟାଟା କମ୍ପାନୀ କୁ ଅନୁକମ୍ପା

11 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଟାଟା ପାୱାରକୁ ସରକାର ଅଧିକ ଅନୁକମ୍ପା ଦେଖାଇବାର କାରଣ କଣ, ଅଘୋଷିତ ବିଦ୍ୟୁତ କାଟ ଉପରେ କିଏ କାହା ଉପରେ କଣ କାଯ୍ୟାନୁଷ୍ଠାନ ଗ୍ରହଣ କରିବେ, କୋଭିଡ କଟକଣା ସମୟରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ଯଥାର୍ଥ କି, କେବେ ସୁଦ୍ଧା ବିଦ୍ୟୁତ୍ ଶୁଳ୍କ କମାଯିବ ?

----

## ଇଡ୍‌କୋ ଦ୍ୱାରା ଜମି ପ୍ରଦାନ

12 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗତ ପାଞ୍ଚ ବର୍ଷ ମଧ୍ୟରେ ଇଡକୋ ଖୋର୍ଦ୍ଧା ଜିଲ୍ଲାରେ କେଉଁ ବ୍ୟକ୍ତି ଅବା ସଂସ୍ଥାକୁ କେଉଁ ସ୍ଥାନରେ କେଉଁଥିପାଇଁ କେତେ ଜାଗା ପ୍ରଦାନ କରିଛନ୍ତି ଏବଂ କେଉଁ ସଂସ୍ଥା କେଉଁ ଜାଗାରେ ନିର୍ମାଣ ନକରି ଜାଗା ଖାଲି ପକାଇବାର କାରଣ କଣ, ଖୋର୍ଦ୍ଧା ଜିଲ୍ଲାରେ ଇଡକୋ କେଉଁ ସ୍ଥାନରେ କେତେ ଜାଗା ଗତ ଦୁଇ ବର୍ଷ ମଧ୍ୟରେ ଅଧିଗ୍ରହଣ କରିଛନ୍ତି ଏବଂ ବର୍ତ୍ତମାନର ସ୍ଥିତି କଣ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## କମ୍ପାନୀ ମାନଙ୍କ ଠାରୁ ବିଦ୍ଧଉତ ବିଦ୍ୟୁତ ଦେୟ ଆଦାୟ

13 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଥିବା ବେଦାନ୍ତ କମ୍ପାନୀ, ଆଦିତ୍ୟ ବିର୍ଲା ଗ୍ରୁପର ହୀରାକୁଦ ଓ ଲପଙ୍ଗାରେ ଥିବା Hindalco କମ୍ପାନୀ, ଭୂଷଣ Steel କମ୍ପାନୀଙ୍କଠାରୁ 2014 -15 ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ କେତେ ଟଙ୍କାର Electricity Duty ଦେବା ପାଇଁ Due ଥିଲା ଓ ଏହି ସଂସ୍ଥାମାନଙ୍କୁ ଏହି ସମୟସୀମା ମଧ୍ୟରେ ରାଜ୍ୟ ସରକାର କେତେ ଟଙ୍କାର Electricity Duty Exemption କରିଛନ୍ତି ଏହି Exemption ଦେବା ପାଇଁ Industrial Policy Resolution ଅନୁଯାୟୀ Appropriated Authority ଙ୍କ ଦ୍ୱାରା ଦିଆଯାଇଥିବା Exemption Certificate ର ଶିଳ୍ପୱାରୀ Copies ଉପସ୍ଥାପନ କରିବେ କି?

----

## ଶିଳ୍ପ ସଂସ୍ଥା ଠାରୁ ରାଜସ୍ୱ ଆଦାୟ

14 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଷୋଡ଼ଶ ବିଧାନସଭାର ପଞ୍ଚମ ଅଧିବେଶନର ତା . 20 .11. 2020 ଦିନ ଉପସ୍ଥାପିତ U.D.A.Q ୨ ଅନୁଯାୟୀ 2014-15 ଆର୍ଥିକ ବର୍ଷରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟର ଶିଳ୍ପାୟନ ଦ୍ୱାରା ଗଢ଼ି ଉଠିଥିବା ଶିଳ୍ପସଂସ୍ଥା ( ବୃହତ, ମଧ୍ୟମ , ଅଣୁ ଓ କ୍ଷୁଦ୍ର ) ମାନଙ୍କଠାରୁ ରାଜ୍ୟ ସରକାର ଓ କେନ୍ଦ୍ରସରକାର ପ୍ରତିବର୍ଷ କେତେ ପରିମାଣର କେଉଁ କେଉଁ ପ୍ରକାର ରାଜସ୍ୱ ଆଦାୟ କରିଛନ୍ତି ଓ ରାଜ୍ୟ ସରକାର ଏହି ଶିଳ୍ପ ସଂସ୍ଥାମାନଙ୍କୁ ନିଜସ୍ୱ ବଜେଟରୁ କେତେ ପରିମାଣର କେଉଁ କେଉଁ ପ୍ରକାର Incentive ପ୍ରଦାନ କରିଛନ୍ତି ତତ୍ ସମ୍ବନ୍ଧୀୟ ଉତ୍ତର କେବେସୁଦ୍ଧା ସଠିକ ତଥ୍ୟ ଦେବେ ସ୍ପଷ୍ଟୀକରଣ ଦେବେ କି ?

----

## ସେବାଶ୍ରମ କୁ +୨ ଉର୍ନତି

15 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ବଗତ 5 ବର୍ଷରେ ରାଜ୍ୟର କେଉଁ କେଉଁ ଜିଲ୍ଲାରେ କେତୋଟି ସେବାଶ୍ରମକୁ ଉନ୍ନିତ କରାଗଲା; ( ଖ) କଳାହାଣ୍ଡିର M . Rampur ଓ ପାଷ୍ଟିକୁଡ଼ି ସେବାଶ୍ରମକୁ ଓ ଭର୍ଲାଦାନୀ ପୁରାତନ ସ୍କୁଲଥିଲେ ମଧ୍ୟ କେଉଁ କାରଣରୁ +2 କୁ ଉନ୍ନିତ କରାଗଲା ନାହିଁ; ଏହି ଆର୍ଥିକ ବର୍ଷରେ +2 କୁ ଉନ୍ନିତ କରିବାପାଇଁ ବ୍ୟବସ୍ଥା କରିବେ କି ?

----

## ଖାଲିଥିବା ପଦବୀ ପୂରଣ

16 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ କେତେ post ଖାଲିଅଛି ଓ ଏହା କେବେସୁଦ୍ଧା ପୂରଣ ହେବ, Sanction Post କେତେ ଏବଂ ଖାଲିଥିବା Post କେତେ , ନୂତନ Post ଖୋଲିବା ପାଇଁ ବିଚାରାଧିନ ଅଛି କି; (ଖ) ଭବାନୀପାଟଣାର Electrical Eexecutive Engineer Post କେବେଠାରୁ ଖାଲିଅଛି ଓ କେବେସୁଦ୍ଧା ପୂରଣ ହେବ ଜଣାଇବେ କି; ଏବଂ ନୂତନ Electrical Division ଏବଂ Sub - Division ଖୋଲିଯିବା ପାଇଁ ବିଭାଗ ସ୍ଥିର କରିଛନ୍ତି କି ?

----

## ଗ୍ରାମକୁ ବିଦ୍ୟୁତ ଯୋଗାଣ

17 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ବିଶେଷକରି ଭଦ୍ରକ ଜିଲ୍ଲାରେ ଏପର୍ଯ୍ୟନ୍ତ କେତେ ରାଜସ୍ୱ ଗ୍ରାମକୁ ବିଦ୍ୟୁତ ଯୋଗାଣ କରାଯାଇ ନାହିଁ ଓ ଏହି ଗ୍ରାମଗୁଡ଼ିକୁ କେବେସୁଦ୍ଧା ବିଦ୍ୟୁତ ସଂଯୋଗୀକରଣ କରାଯିବ, ବଦ୍ୟୁତକରଣ ହୋଇଥିବା ସମସ୍ତ ଗ୍ରାମ / ପଡ଼ାର ସଂଖ୍ୟା କେତେ, ବର୍ତ୍ତମାନ ସୁଦ୍ଧା ରାଜ୍ୟର ସମସ୍ତ ପ୍ରକାର ହିତାଧିକାରୀଙ୍କ ସଂଖ୍ୟା କେତେ; ସ୍ଥିର ବିଦ୍ୟୁତ .ଯୋଗାଣରେ ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ କି ?

----

## ଶିଳ୍ପ ଭିତିଭୂମିର ଉର୍ନତି କରଣ

18 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲା ଅନ୍ତର୍ଗତ ପାହି ମହୁରା - ଧାମନଗର ଛକଠାରେ IDCO ଦ୍ୱାରା ଅଧିକୃତ ଜମିରେ ଶିଳ୍ପ ଭିତ୍ତିଭୂମିର ଉନ୍ନତିକରଣ କରାଯାଇଥିଲେ ମଧ୍ୟ ରାଜ୍ୟ ଉଚ୍ଚସ୍ତରୀୟ ନିର୍ଗମନ କର୍ତ୍ତୃପକ୍ଷଙ୍କର ଅନୁମୋଦନ କ୍ରମେ ପ୍ରାୟ ୬୦ ଏକର ଜମି M/S IOCL କୁ ଜମି ଆବଣ୍ଟନ କରାଯାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ଭାବରେ କେବେଠାରୁ Polyester Product Manufacturing Facility , Food Park, Textile Park ପ୍ରତିଷ୍ଠା କରାଯିବ/ ଆରମ୍ଭ କରାଯିବ ଏବାବଦରେ କେତେ ପୁଞ୍ଜି ନିବେଶର ଆକଳନ କରାଯାଇଛି ଓ କେତେ ନିଯୁକ୍ତି ସୃଷ୍ଟି କରିବ ?

----

## ଗିରି ଗିରିଆ ଜାତିକୁ ଅନୁସୂଚିତ ଜନଜାତି ମାନ୍ୟତା

19 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗିରିଗିରିଆ ଜାତିକୁ ଅନସୂଚିତଜାତି ତାଲିକାଭୁକ୍ତ କରିବାକୁ ସରକାର କି ପଦକ୍ଷେପ ନେଇଛନ୍ତି ଓ ଏହା କେବେ ସୁଦ୍ଧା କାର୍ଯ୍ୟକାରୀ ହେବ ?

----

## ଭୂମିହୀନ କୁ ଘରଡିହ ପଟା ବଣ୍ଟନ

20 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି ଃ-ଢ଼େଙ୍କାନାଳ ଜିଲ୍ଲାର କେଉଁ ତହସିଲ ଅଞ୍ଚଳରେ କେତେଜଣ ଭୂମିହୀନ ଓ ଘରଡ଼ିହହୀନ ପରିବାର ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ଘରଡ଼ିହ ପଟ୍ଟା ପ୍ରଦାନ କରାଯାଇଛି, ଅବଶିଷ୍ଟ ପରିବାରକୁ ଘରଡ଼ିହ ପଟ୍ଟା କେବେ ସୁଦ୍ଧା ବଣ୍ଟନ ପାଇଁ ସରକାର ନୀତିଗତ ନିଷ୍ପତ୍ତି ଗ୍ରହଣ କରିଛନ୍ତି ?

----

## ବିସ୍ଥାପିତଙ୍କୁ ଥଇଥାନ

21 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି ଃ-ଅନୁଗୋଳ ଜିଲ୍ଲାର କେଉଁ ତହସିଲରେ କେଉଁ ପ୍ରକଳ୍ପ ନିମିତ୍ତ କେତେଜଣ ପ୍ରଜା ବିସ୍ଥାପିତ ହୋଇଥିବାବେଳେ କେତେ ପ୍ରଜାଙ୍କ ଜମି ଅଧିଗ୍ରହଣ ହୋଇଛି, ତନ୍ମଧ୍ୟରୁ କେତେ ବିସ୍ଥାପିତଙ୍କୁ ଥଇଥାନ କରାଯାଇଛି, କେତେ ପ୍ରଜାଙ୍କୁ ଜମି ଅଧିଗ୍ରହଣ ପାଇଁ କ୍ଷତି ପୂରଣ ରାଶି ପ୍ରଦାନ କରାଯାଇଛି, ସମସ୍ତ ବିସ୍ଥାପିତ ପ୍ରଜାଙ୍କୁ ଥଇଥାନ, ପୁନଃର୍ବାସ ପୂର୍ଣ୍ଣାଙ୍ଗ ସହ ଭୂମିହରାପ୍ରଜାଙ୍କ କ୍ଷତିପୂରଣ ପ୍ରଦାନ କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ମାନଜୋର ଜଳସେଚନ ପ୍ରକଳ୍ପ ରୁ ବିଦ୍ୟୁତ ଶକ୍ତି ଉତ୍ପନ

22 **ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ)ଃ**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି ଃ-ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ମାନଜୋର ଜଳସେଚନ ପ୍ରକଳ୍ପକୁ ଜଳବିଦ୍ୟୁତ ଭିତ୍ତିଭୂମୀ ଉନ୍ନୟନପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭୂମିହୀନଙ୍କୁ ଘରଡ଼ିହ ପଟ୍ଟା ବଣ୍ଟନ

23 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି ଃ-ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ 2019-20 ମସିହାରୁ ଆଜି ପର୍ଯ୍ୟନ୍ତ କେତେଜଣ ଗରିବ ଭୂମିହୀନ ଲୋକମାନଙ୍କୁ ସରକାର ଘରଡ଼ିହ ପଟ୍ଟା ଏବଂ ଜମିପଟ୍ଟା ବଣ୍ଟନ କରିଛନ୍ତି ; ଆଜିସୁଦ୍ଧା ଆଉ କେତେଜଣ ଗରିବ ଭୂମିହୀନମାନେ ଜମି ଘରଡ଼ିହ ପଟ୍ଟା ପାଇ ନାହାନ୍ତି, ତାର ସମସ୍ତ ବ୍ଲକୱାରୀ ତାଲିକା ଦେବା ସହିତ ଘରଡ଼ିହ ଓ ଜମିପଟ୍ଟା ପାଇନଥିବା ଗରିବ ଭୂମିହୀନ ଓ ଜମିପଟ୍ଟା ପାଇନଥିବା ଗରିବ ଭୂମିହୀନ ମାନଙ୍କୁ କେବେସୁଦ୍ଧା ସରକାର ପଟ୍ଟା ପ୍ରଦାନ କରିବେ କହିବେ କି ?

----

## BPL/APL ପରିବାର ଙ୍କୁ ବିଦ୍ୟୁତ ଶକ୍ତି ଛାଡ

24 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ BPL/APL ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ Electry Bill ଦେବାପାଇଁ କ'ଣ କ'ଣ ନିୟମ ଅଛି ; ଆଗରୁ BPL ବିଦ୍ୟୁତ ଉପଭୋକ୍ତାମାନେ ବିଦ୍ୟୁତ ବିଲ ନ ଦେବା ପାଇଁ ସରକାର Declare କରିଥିଲେ ମଧ୍ୟ ବର୍ତ୍ତମାନ BPL ବିଦ୍ୟୁତ ଉପଭୋକ୍ତାମାନଙ୍କ ପାଖକୁ ମନଇଚ୍ଛା Electry Bill ଆସୁଥିବା ଖବର ସରକାରଙ୍କ ପାଖରେ ଅଛି କି; ଯଦି ଅଛି BPL ଉପଭୋକ୍ତା ମାନଙ୍କ Electry Bill କିଏ ଦେବେ ଏବଂ BPL ଉପଭୋକ୍ତାମାନଙ୍କ Bill ଛାଡ଼ ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଜଳ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା

25 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଟକ ଜିଲ୍ଲାର କେଉଁ ନଦୀ ଓ ଜଳାଧାରରୁ କ୍ଷୁଦ୍ର ଜଳ ବିଦ୍ୟୁତ୍ ପ୍ରକଳ୍ପ ବ୍ୟବସ୍ଥା ପ୍ରବର୍ତ୍ତନ ଅଛି ପ୍ରକାଶ କରି ଜିଲ୍ଲାରେ ଅଧିକ ଜଳ ବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଇମାମନଗର ମଉଜ କୁ ଟାଙ୍ଗି ତହସିଲ ଅଧୀନରେ ରଖିବା

26 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ଇମାମନଗର ମୌଜାରେ ଟାଙ୍ଗୀ (ଜଗତପୁର) ତହସିଲ ଅବସ୍ଥିତ ଥିବାବେଳେ ଇମାମନଗର ମୌଜା ସାଲେପୁର ତହସିଲ ଅଧୀନରେ ଅବସ୍ଥିତ ଥିବା ସତ୍ୟ କି; ଉତ୍ତର ହଁ ହେଲେ ଏହି ମୌଜାର ବାସିନ୍ଦାଙ୍କ ସୁବିଧା ପାଇଁ ଇମାମନଗର ମୌଜାକୁ ଟାଙ୍ଗୀ (ଜଗତପୁର) ତହସିଲ ଅଧୀନରେ ସାମିଲ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଭୂମିହୀନ ପରିବାରକୁ ଚିହ୍ନଟ

27 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାର କେଉଁ ତହସିଲରେ କେତେ ସଂଖ୍ୟକ ମୁଖ୍ୟବାସୀ ପ୍ରଜା ପରିବାର ଓ ଭୂମୀହୀନ ଘରଡ଼ିହହୀନ ପରିବାର ଚିହ୍ନଟ ହୋଇଛନ୍ତି ସେହି ପରିବାରକୁ ଆବାସ ଜମି ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଇଛି ଓ ଏହା କେବେ ସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## ପ୍ରସ୍ତାବ ଥିବା ଜଳ ବିଦ୍ୟୁତ ପ୍ରକଳ୍ପ

28 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କେ.ବି.କେ. ଜିଲ୍ଲାରେ କେଉଁ ନଦୀରେ ଥିବା ଜଳ ବିଦ୍ୟୁତ ପ୍ରକଳ୍ପରୁ କେତେ ଜଳ ବିଦ୍ୟୁତ ଉତ୍ପାଦିତ ହେଉଛି, କେଉଁ ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧୀନ ଅଛି ପ୍ରକାଶ କରି ଜିଲ୍ଲାରେ ଅଧିକ ଜଳବିଦ୍ୟୁତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## 33/11 K.V. substation ନିର୍ମାଣ

29 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଗୁଣପୁର ଓ ରେଙ୍ଗାଲପାଲିଠାରେ 33/11 K.V. Electricity Sub-Station ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରାଯାଇଥିଲେ ହେଁ ଅଦ୍ୟାବଧି ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନଯିବାର କାରଣ କଣ; ଏହି ଦୁଇ Sub-Station ନିର୍ମାଣ ପାଇଁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବେ କି ?

----

## କ୍ରୀଡା ତାଲିମ କେନ୍ଦ୍ର ନିର୍ମାଣ

30 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର ପ୍ରତ୍ୟେକ ବ୍ଲକରେ ଛାତ୍ରଛାତ୍ରୀ, ଯୁବକ ଓ ଯୁବତୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ କ୍ରୀଡ଼ା ଓ ତାଲିମ କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ଯୋଜନା ଅଛି କି; ଯଦି ହଁ ତେବେ ଏହା କେବେ କାର୍ଯ୍ୟକାରୀ ହେବ ?

----

## ଗୋଚର ଓ ଶ୍ମଶାନ ଜମିକୁ ଜବର ଦାଖଲ ମୁକ୍ତ

31 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ଵ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର କେଉଁ ଜିଲ୍ଲାର କେଉଁ ତହସିଲରେ କେତେ ପରିମାଣ ଗୋଚର ଜମି, ଶ୍ମଶାନ ଜମି, ଗ୍ରାମ୍ୟଜଙ୍ଗଲ ଓ ସରକାରୀ ଜମି ଜବରଦଖଲ ହୋଇଛି ପ୍ରକାଶ କରି ଏହି ଜମିକୁ ଜବରଦଖଲମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସବୁଜ ଶକ୍ତି ଉତ୍ପାଦନ

32 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଶକ୍ତି ସଙ୍କଟ ଦୂରୀଭୁତ ପାଇଁ ସବୁଜ ଶକ୍ତି ଉତ୍ପାଦନ ଭିତ୍ତିଭୂମୀ ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଭଦ୍ରକ ଜିଲ୍ଲା ଘରଡ଼ିହ ହୀନ ପରିବାରକୁ ପଟା ବଣ୍ଟନ

33 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରଖ ଜିଲ୍ଲାର କେଉଁ ତହସିଲ ଅଞ୍ଚଳରେ କେତେ ଘର ଡିହହୀନ ପରିବାର ଚିହ୍ନଟ ହୋଇଥିବାବେଳେ ସେହି ପରିବାରଗୁଡିକୁ ଘରଡିହ ଯୋଗାଇଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ପବନ ଚଳିତ ବିଦ୍ୟୁତ ଶକ୍ତି ଉତ୍ପାଦନ

34 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାର ସମୁଦ୍ର ଉପକୂଳରେ ପବନ ଚାଳିତ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବିସ୍ଥାପିତଙ୍କୁ ଥଇଥାନ

35 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଖଣି, ଶିଳ୍ପ ଓ ଜଳସେଚନ ପ୍ରକଳ୍ପ ସମେତ ଅନ୍ୟାନ୍ୟ କେଉଁ କେଉଁ ପ୍ରକଳ୍ପରୁ କେତେ ସଂଖ୍ୟକ ପରିବାରର କେତେ ସଂଖ୍ୟକ ଲୋକ ବିସ୍ଥାପିତ ହୋଇଥିଲେ, ସମ୍ପୃକ୍ତ ବିସ୍ଥାପିତଙ୍କ ମଧ୍ୟରୁ କେତେ ସଂଖ୍ୟକଙ୍କୁ ପୁନର୍ବସତି ଯୋଜନାରେ ଥଇଥାନ କରାଯାଇଛି, କେଉଁ ପ୍ରକଳ୍ପର କେତେ ସଂଖ୍ୟକ ଅଦ୍ୟାବଧି ଥଇଥାନ ହୋଇନାହାଁନ୍ତି ତାର ଏକ ପ୍ରକଳ୍ପୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) ଥଇଥାନ ହୋଇନଥିବା ବିସ୍ଥାପିତଙ୍କୁ କେବେସୁଦ୍ଧା ଥଇଥାନ କରାଯିବ ସେଥିପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା ଓ କାର୍ଯ୍ୟକ୍ରମ କଣ ତାହା ପ୍ରକାଶ କରିବେ କି ?

----

## ଶିଳ୍ପ ସ୍ୱାସ୍ଥ୍ୟ ପାଇଁ ପୁଞ୍ଜି ବିନିଯୋଗ

36 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ କି କି ଶିଳ୍ପ କେତେ ପୁଞ୍ଜି ବିନିଯୋଗରେ କେବେ ପ୍ରତିଷ୍ଠା ହୋଇଥିଲା, ସମ୍ପୃକ୍ତ ଶିଳ୍ପରେ କେତେ କର୍ମଚାରୀ/ଶ୍ରମିକ ନିୟୋଜିତ ଅଛନ୍ତି, ସେମାନଙ୍କ ମଧ୍ୟରୁ ସ୍ଥାନୀୟ, ଜିଲ୍ଲା ଓ ରାଜ୍ୟ ବାହାରର କର୍ମଚାରୀ/ଶ୍ରମିକଙ୍କ ସଂଖ୍ୟା କେତେ, ସେମାନଙ୍କ ମଧ୍ୟରୁ ସ୍ଥାୟୀ ଓ ଅସ୍ଥାୟୀ ଶ୍ରମିକଙ୍କ ସଂଖ୍ୟା କେତେ ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି, (ଖ) 2018-19 ରେ ରାଜ୍ୟ ସରକାର କେଉଁ କେଉଁ ବାବଦରେ କେତେ ରାଜସ୍ୱ/କର ପାଇଛନ୍ତି ଏବଂ କେଉଁ ଶିଳ୍ପ ସଂସ୍ଥା କେଉଁ କେଉଁ ବର୍ଷ କେତେ ଲାଭ କରିଛନ୍ତି, ଲାଭାଂଶର କେତେ ପ୍ରତିଶତ କେଉଁ ଶିଳ୍ପ ସଂସ୍ଥା CSR ବାବଦରେ କେଉଁ ବ୍ଲକ ଓ ନିର୍ବାଚନ ମଣ୍ଡଳୀରେ ବ୍ୟୟ କରିଛନ୍ତି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଶିଳ୍ପ ସଂସ୍ଥା ସ୍ଥାପନ ପାଇଁ ଚୁକ୍ତି ସ୍ଥାପନ

37 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) 2014 ରୁ ଆଜିପର୍ଯ୍ୟନ୍ତ ରାଜ୍ୟ ସରକାର କେତେ ଶିଳ୍ପ ସଂସ୍ଥା ଗୁଡିକ ଶିଳ୍ପ ପ୍ରତିଷ୍ଠା ପାଇଁ ଚୁକ୍ତି ସ୍ୱାକ୍ଷର କରି ଜମି ପ୍ରଦାନ କରିଥିଲେ କେତେ ସଂସ୍ଥା ଶିଳ୍ପ ପ୍ରତିଷ୍ଠା କରିଛନ୍ତି କେତେ ଏପର୍ଯ୍ୟନ୍ତ କରିପାରିନାହାନ୍ତି ଚୁକ୍ତି ଖିଲାପ ଯୋଗୁଁ କେତେ ସଂସ୍ଥା ଠାରୁ ଦିଆଯାଇଥିବା ଜମି ଫେରାଇ ଅଣାଯାଇଛି ତାର ସବିଶେଷ ବିବରଣୀ ଦେବେ କି ; (ଖ) କାର୍ଯ୍ୟକ୍ଷମ ହୋଇଥିବା ଶିଳ୍ପ ସଂସ୍ଥାରେ ରାଜ୍ୟରେ କେତେ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି, ତାର ବିବରଣି ଶିଳ୍ପ ସଂସ୍ଥା ୱାରୀ ଦେବେ କି ?

----

## Pending Electricity Dues

38 **ଶ୍ରୀ ନରସିଂହ ମିଶ୍ର (ବଲାଙ୍ଗୀର ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-How much Electricity dues are pending against the companies in the state and what action are being taken by the state government for collection of electricity arrear pending furnish details there of ?

----

## ଲଘୁ ଖଣିଜ ପଦାର୍ଥ ଉତୋଳନ

39 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ କେଉଁ କେଉଁ ଜିଲ୍ଲାରେ କେଉଁ ପ୍ରକାର ଲଘୁ ଖଣିଜ ପଦାର୍ଥ ବାର୍ଷିକ କେତେ ପରିମାଣର ଉତ୍ତୋଳନ ନିମନ୍ତେ କେତେ ସଂଖ୍ୟକ ପଟ୍ଟାଦାରଙ୍କୁ ଖଣିପଟ୍ଟା ପ୍ରଦାନ କରାଯାଇଛି ତା'ର ବିବରଣୀ ପ୍ରଦାନ କରିବେ କି, (ଖ) ପଟ୍ଟାଦାରଙ୍କ ଅନୁମୋଦିତ ମାଇନିଂ ପ୍ଲାନ ଠାରୁ ଅଧିକ ପରିମାଣର ଉତ୍ତୋଳନ କରିଥିବା 2016-17 ରୁ 2020-21 ବର୍ଷରେ କେତେ ଜଣ ପଟ୍ଟାଦାରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଅଧିକ ଉତ୍ତୋଳନ କରିଥିବା ଖଣିଜ GPS Survey ପଦ୍ଧତିରେ ଆକଳନ କରାଯାଇଛି କି, ଯଦି କରାଯାଇନାହିଁ କେଉଁ କାରଣରୁ କରାଯାଇନାହିଁ, GPS Survey ପଦ୍ଧତିରେ ଆକଳନ ନିମନ୍ତେ କେଉଁ ଜିଲ୍ଲାରେ କି କି ପଦକ୍ଷେପ ଓ ପ୍ରକ୍ରିୟା କେଉଁ କେଉଁ ଜିଲ୍ଲାରେ ପର୍ଯ୍ୟାୟରେ ରହିଛି ଏହା କେବେ ସୁଦ୍ଧା କେଉଁ ଜିଲ୍ଲାରେ କାର୍ଯ୍ୟକ୍ଷମ କରାଯିବ ତାହା ପ୍ରକାଶ କରିବେ କି ?

----

## ଶିଳ୍ପ ସଂସ୍ଥାର ସମସ୍ୟାର ସମାଧାନ ପାଇଁ Industry Care ଓ SPMG ଗଠନ

40 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଶିଳ୍ପ ସଂସ୍ଥା ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର କେବେଠାରୁ Industry Care, SPMG (State Project Monitoring Group) ଓ PMG (Project Monitoring Group) କାର୍ଯ୍ୟକାରୀ କରିଛନ୍ତି, ଏଗୁଡିକ କାର୍ଯ୍ୟ ପରିସର କଣ ନିର୍ଦ୍ଧାରଣ କରାଯାଇଛି ଓ କେଉଁ କେଉଁ ଅଧିକାରୀଙ୍କୁ କି କି କାର୍ଯ୍ୟ ସମ୍ପାଦନା ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି ତାର ଏକ ବିବରଣୀ ପ୍ରଦାନ କରିବେ କି, (ଖ) Industry Care, SPMG ଓ PMG ରେ କେତେଗୋଟି ଶିଳ୍ପ ସଂସ୍ଥା ସମସ୍ୟା କେତେ ଅବଧି ମଧ୍ୟରେ ସମାଧାନ କରାଯାଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବା ସହ କେତେ ଗୋଟି ଶିଳ୍ପ ସଂସ୍ଥାର ସମସ୍ୟା କେଉଁ କାରଣରୁ ଅଦ୍ୟାବଧି ସମାଧାନ ହୋଇପାରିନାହିଁ ଓ କେବେ ସୁଦ୍ଧା କେଉଁ ଶିଳ୍ପ ସଂସ୍ଥାର ସମସ୍ୟା ସମାଧାନ କରାଯିବ ସେଥିପାଇଁ କି କି ସ୍ୱତନ୍ତ୍ର ପଦକ୍ଷେପ କରାଯିବ ତାହା ପ୍ରକାଶ କରିବେ କି ?

----

## ITDA କୁ ଅର୍ଥ ପ୍ରଦାନ

41 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ମୟୁରଭଞ୍ଜ ଜିଲ୍ଲାର କେଉଁ କେଉଁ ଆଇଟିଡିଏ ମାନଙ୍କୁ 2016-17 ଠାରୁ 2020-21 ବର୍ଷ ମଧ୍ୟରେ କେଉଁ କେଉଁ ଯୋଜନା ଓ ପ୍ରକଳ୍ପ ପାଇଁ କେତେ ପରିମାଣ ଓ ରାଜ୍ୟ ଓ କେନ୍ଦ୍ର ଅର୍ଥ ବରାଦ କରାଯାଇଛି ତାହାର ଏକ ବର୍ଷୱାରୀ ଓ ଆଇଟିଡିଏ ୱାରୀ ତାଲିକା ଦେବା ସହ ଏହି ଅର୍ଥ ଗୁଡିକରେ କି କି କାର୍ଯ୍ୟ ସମ୍ପାଦନ ହୋଇସାରିଛି, ନିର୍ମାଣାଧୀନ ଅଛି ଓ ଆରମ୍ଭ ହେବାକୁ ଅଛି, ଜଣାଇବା ସହ ଏହି ପ୍ରକଳ୍ପ ତାଲିକା କେବେ ଓ କାହା ଦ୍ୱାରା ଅନୁମୋଦିତ ହୋଇଅଛି, କେବେ କାର୍ଯ୍ୟାଦେଶ ଦିଆଯାଇଛି , କେବେ ଆରମ୍ଭ ହୋଇ କେବେ ଶେଷ ହେବାର ଥିଲା ଓ ଯଦି ଶେଷ ହୋଇନାହିଁ ବା ଆରମ୍ଭ ହୋଇନାହିଁ ତାହାର କାରଣ କଣ ଜଣାଇବେ କି ?

----

## ତାପଜ ଓ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ କ୍ଷମତା

42 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ତାପଜ ବିଦ୍ୟୁତ୍ ଓ ଜଳ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ପରିମାଣ କେତେ, 2004-05 ବର୍ଷରୁ ଅଦ୍ୟାବଧି ଉଭୟ ବିଦ୍ୟୁତ୍ ଶକ୍ତି କେତେ ପରିମାଣରେ ଉତ୍ପାଦନ ହୋଇଛି ତାର ବର୍ଷୱାରୀ ତଥ୍ୟ ଉପସ୍ଥାପନ କରିବେ କି, ତାପଜ ବିଦ୍ୟୁତ ଓ ଜଳ ବିଦ୍ୟୁତ ଶକ୍ତି ୟୁନିଟ ପିଛା ଉତ୍ପାଦନ ଖର୍ଚ୍ଚ କେତେ ଏବଂ ଉପଭୋକ୍ତାଙ୍କଠାରୁ ୟୁନିଟ ପିଛା କେତେ ଟଙ୍କା ଆଦାୟ କରାଯାଉଛି, ଏହା ସ୍ପଷ୍ଟ ଯେ ତାପଜ ବିଦ୍ୟୁତ ଉତ୍ପାଦନ ଅଧିକ ପ୍ରଦୂଷଣ ସୃଷ୍ଟିର କାରଣ ହେଉଥିବା ପରିପ୍ରେକ୍ଷୀରେ ରାଜ୍ୟ ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ବୃଦ୍ଧି କରିବା ପାଇଁ ନିର୍ଦ୍ଦିଷ୍ଟ ଭାବେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି , ରାଜ୍ୟବାସୀଙ୍କ ସ୍ୱାର୍ଥରେ ତାପଜ ବିଦ୍ୟୁତ ଉତ୍ପାଦନ ପର୍ଯ୍ୟାୟ କ୍ରମେ ବନ୍ଦ କରି ଜଳ ବିଦ୍ୟୁତ ଶକ୍ତି ଉତ୍ପାଦନ ହାର ବୃଦ୍ଧି ଦିଗରେ ସରକାର ନୂଆ ପ୍ରଗତିଶୀଳ ନୀତି ଆପଣାଇବା ନିମନ୍ତେ ଆଭିମୁଖ୍ୟକଣ ରହିଛି ତାହା ସ୍ପଷ୍ଟ କରିବେ କି ?

----

## ଜମିର କିସମ ପରିବର୍ତନ

43 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ରଣପୁର NAC ର ୨ ନମ୍ବର ବସ୍ତି ଅଞ୍ଚଳରେ କିଛି ଭୁମୀହୀନ ପରିବାର ବସବାସ କରୁଛନ୍ତି ଅବିଭାଜିତ ପୁରୀ ଜିଲ୍ଲାର ଉକ୍ତ ସ୍ଥାନଟି ସ୍ୱାଧିନତା ପୁର୍ବରୁ ଅନାବାଦୀ କିସମ ଥିଲା ବେଳେ ତାହା ପରବର୍ତ୍ତି ସମୟରେ Land Settlement ରେ ଜଙ୍ଗଲ କିସମକୁ ପରିବର୍ତ୍ତନ ହୋଇଥିବାରୁ ସେମାନେ ଘରଡିହ ପଟ୍ଟା ପାଇନ ପାରି ସରକାରୀ ଯୋଜନାରୁ ବାସଗୃହ ନିର୍ମାଣ କରି ପାରୁନାହାନ୍ତି ଏଣୁ ଜମିର କିସମକୁ ପରିବର୍ତ୍ତନ କରି ବାସଯୋଗ୍ୟ କିସମ କରିବା ସଙ୍ଗେ ସେମାନଙ୍କୁ ପଟ୍ଟା ଯୋଗାଇ ଦେଇ ଥଇଥାନ କରିବେ କି ?

----

## ଭୂମିହୀନ କୁ ଘରଡିହ ପଟ୍ଟା ପ୍ରଦାନ

44 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ସ୍ୱାଧିନତା ପୂର୍ବରୁ ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଡଗାଁ ବ୍ଲକର କଦଳାଇପଲ୍ଲୀ ପଞ୍ଚାୟତ ଅଧିନସ୍ଥ ସାନକୁଟୁଣୀ ଗ୍ରାମରେ ମୁଣ୍ଡପୋତା ସମ୍ପ୍ରଦାୟର କିଛି ଭୁମିହୀନ ପରିବାର ପତ୍ର କୁଡିଆରେ ବସବାସ କରୁଥିଲା ବେଳେ ହରିହରପୁର ପଞ୍ଚାୟତର ଗଡପଡିଆ ସାହି ଓ ପଥୁରିଆ ସାହି ରେ ମଧ୍ୟ କିଛି ଭୁମିହୀନ ପରିବାର ବସବାସ କରୁଛନ୍ତି, ସେମାନଙ୍କୁ ଘରଡିହ ପଟ୍ଟା ଯୋଗାଇ ଦିଆ ଯାଇନଥିବାରୁ ସେମାନେ ସରକାରୀ ଯୋଜନାରୁ ବାସଗୃହ ନିର୍ମାଣ କରି ପାରୁନାହାନ୍ତି ଏଣୁ ଜମିର କିସମ ପରିବର୍ତ୍ତନ କରି ଭୁମିହୀନ ମାନଙ୍କୁ ପଟ୍ଟା ଯୋଗାଇ ଦେଇ ଥଇଥାନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ST/SC , OBC ମାନଙ୍କ ସଂଖ୍ୟା

45 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ 2011 ଜନଗଣନା ଭିତ୍ତିରେ ସମୁଦାୟ ଜନସଂଖ୍ୟା ମଧ୍ୟରୁ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ତଥା ପ୍ରତ୍ୟେକ ସଂଖ୍ୟାଲଘୁ ସମ୍ପ୍ରଦାୟର ଜନସଂଖ୍ୟା କେତେ ଏହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି, ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କୁ ଦେଶ, ଜାତିର ମହାସ୍ରୋତରେ ସାମିଲ କରିବାକୁ ସରକାରଙ୍କର ସ୍ୱତନ୍ତ୍ର ପଦକ୍ଷେପ କ'ଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରତ୍ୟେକ ବର୍ଗର ଆର୍ଥିକ, ସାମାଜିକ ବୃଦ୍ଧି କେଉଁ ହାରରେ ଘଟିଛି ତା'ର ସମ୍ପୂର୍ଣ୍ଣ ରିପୋର୍ଟ ସରକାରଙ୍କ ଠାରେ ଅଛି କି, ଥିଲେ ତାହା କ'ଣ ?

----

## ଅଧିକ ବିଦ୍ୟୁତ ଶକ୍ତି ଉତ୍ପାଦନ ପାଇଁ ଯୋଜନା

46 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଦ୍ୟୁତ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଦେଶର ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ରାଜ୍ୟର ସ୍ଥାନ କେଉଁଠି, ଉତ୍ପାଦନର ବଳକା ରାଜ୍ୟ ପରିଗଣିତ ହେଉଥିଲେ ଆଗାମୀ ଦିନ ପାଇଁ ଅଧିକ ଶକ୍ତି ଉତ୍ପାଦନ ପାଇଁ ଯୋଜନା କ'ଣ, 2014 ଠାରୁ ଏପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ବିଦ୍ୟୁତ ଉତ୍ପାଦନର ରେକର୍ଡ କଣ, ପରିବେଶ ପ୍ରତି ଦୃଷ୍ଟି ଦେଇ ଜଳ ବିଦ୍ୟୁତ ଉତ୍ପାଦନ ସକାଶେ ସରକାରଙ୍କର ସ୍ୱତନ୍ତ୍ର ଯୋଜନା କ'ଣ ?

----

## ଲୋ ଭୋଲ୍ଟେଜ ସମସ୍ୟାର ସମାଧାନ

47 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଇଘର ଓ ଉମରକୋଟ ବ୍ଲକ ଅଞ୍ଚଳରେ ଲୋ ଭୋଲଟେଜ ସମସ୍ୟାର ସମାଧାନ କରି ନିରନ୍ତର ବିଦ୍ୟୁତ ସରବରାହ ନିମନ୍ତେ ଶକ୍ତି ଭିତ୍ତିଭୂମିର ବିକାଶ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## AES ର ଅଂଶଧନ ପ୍ରତ୍ୟାହାର

48 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡିଶା ଶକ୍ତି ଉତ୍ପାଦନ ନିଗମ (OPGC) ରୁ ଆମେରିକୀୟ କମ୍ପାନୀ AES ଗତ ଡିସେମ୍ବର 10 ରୁ ଅଂଶଧନ ପ୍ରତ୍ୟାହାର କରିବା ସତ୍ତ୍ୱେ ନିଗମରେ ପୂର୍ବପରି ଦ୍ୱୈତ ପରିଚାଳନା ବ୍ୟବସ୍ଥା ଜାରି ରହିବାର ରହସ୍ୟ କ'ଣ, OPGC ରେ କାର୍ଯ୍ୟରତ ଅଫିସର ଓ କର୍ମଚାରୀଙ୍କ ପାଇଁ ଏକକ (Uniform) ଦରମା ବ୍ୟବସ୍ଥା ସମେତ ଅନ୍ୟାନ୍ୟ ଦାବି ଗୁଡିକ କେବେସୁଦ୍ଧା ପୂରଣ ହେବ ଜଣାଇବେ କି ?

----

## ନୂତନ RDC ଜୋନ ଖୋଲିବା

49 **ଶ୍ରୀ ଅଧିରାଜ ମୋହନ ପାଣିଗ୍ରାହୀ (ଖାରିଆର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟ ସରକାର RDC Zone ମାନଙ୍କ ପୁନଃ ଗଠନ ଏବଂ ନୂତନ (New) RDC Zone ଖୋଲିବା ପାଇଁ ବିଚାର କରୁଛନ୍ତି କି; (ଖ) Nuwapada ଜିଲ୍ଲା କୁ Sambalpur North RDC Zoneରେ ସାମିଲ କରିବା ପାଇଁ ବିଚାର କରିବେ କି ?

----

## Sub-Register କାର୍ଯ୍ୟାଳୟ ପ୍ରତିଷ୍ଠା

50 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦସପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନୟାଗଡ ଜିଲ୍ଲା ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ନୂଆଗାଁ ଏବଂ ଗଣିଆଁ ତହସିଲରେ Sub-Register ଙ୍କ ପଦବୀ ସୃଷ୍ଟି କରି ସ୍ୱତନ୍ତ୍ର କାର୍ଯ୍ୟଳୟମାନ ପ୍ରତିଷ୍ଠା କରିବା ପାଇଁ କି କି ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି; ଉକ୍ତ କାର୍ଯ୍ୟାଳୟକୁ ୨୦୨୧-୨୨ ମସିହା ଠାରୁ କାର୍ଯ୍ୟକାରି କରିବା ପାଇଁ ନିଷ୍ପତ୍ତି ନେବେ କି ?

----

## ଫନି ବାତ୍ୟାର ପ୍ରଭାବ

51 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗତ ୨୦୧୯ ଫନି ବାତ୍ୟା ଯୋଗୁଁ ପୁରୀ ଜିଲ୍ଲାର ପୁରୀ ନିର୍ବାଚନ ମଣ୍ଡଳୀ ସମେତ ପୁରୀ ଓ ଗୋପ ତହସିଲର କେଉଁ କେଉଁ ବିଭାଗର କେତେ ସଂଖ୍ୟକ ଲୋକ ପ୍ରଭାବିତ ହୋଇଥିଲେ; ପ୍ରଭାବିତ ହୋଇଥିବା ପୁରୀ ଓ ଗୋପ ତହସିଲର କେତେ ସଂଖ୍ୟକ ପ୍ରଭାବିତଙ୍କୁ କେଉଁ ଅଧିକାରୀଙ୍କ ଦ୍ୱାରା ଚିହ୍ନଟ କରାଯାଇ କେତେ ଟଙ୍କା ଲେଖାଏଁ କ୍ଷତି ପୂରଣ ଯୋଗାଇ ଦିଆଯାଇଥିଲା ତା'ର ଏକ ପଞ୍ଚାୟତୱାରୀ ଓ ପୁରୀ ମ୍ୟୁନିସିପାଲଟି ୱାର୍ଡୱାରୀ ବିବରଣୀ ପ୍ରଦାନ କରିବେ କି; ଏଥିପାଇଁ ବିଭାଗ ତରଫରୁ କେଉଁ ତହସିଲକୁ କେତେ ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଥିଲା ?

----

## ଭୂମିହୀନ ହିତାଧିକାରୀଙ୍କୁ ଚୟନ

52 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ପୁରୀ ଜିଲ୍ଲାର ଗୋପ ତହସିଲ ଓ ପୁରୀ ତହସିଲ ରେ ୧୮/୧୯/୨୦/୨୧ରେ ସମୁଦାୟ କେତେ ଭୂମିହୀନ ହିତାଧିକାରୀଙ୍କୁ ଚୟନ କରାଯାଇଅଛି ତାହା ମଧ୍ୟରୁ କେତେ ଲୋକଙ୍କୁ ପଟ୍ଟା ପ୍ରଦାନ କରାଯାଇଅଛି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## ରାଜସ୍ୱ ଆୟର ପରିମାଣ

53 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦସପଲ୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଦଶପଲ୍ଲା ନିର୍ବାଚନ ମଣ୍ଡଳୀର କେଉଁ Tahasil ରୁ କେଉଁ ଉତ୍ସରୁ ଚଳିତ ବର୍ଷ କେତେ ପରିମାଣର ରାଜସ୍ୱ ଆଦାୟ ହୋଇଅଛି ତାହାର ସବିଶେଷ ତଥ୍ୟ Tahasil ୱାରୀ ପ୍ରଦାନ କରିବେ କି?

----

## Indoor Hall ପ୍ରତିଷ୍ଠା ପାଇଁ ପ୍ରସ୍ତାବ

54 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦସପଲ୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳରେ ଏକ Indoor Hall ପ୍ରତିଷ୍ଠା କରି ସମ୍ପୃକ୍ତ ଅଞ୍ଚଳରେ Indoor Games ର ବିକାଶ କରିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ କି?

----

## ହସ୍ତଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ

55 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦସପଲ୍ଲା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ (SFURTI) କ୍ଲଷ୍ଟର ମାଧ୍ୟମରେ ଆବଶ୍ୟକୀୟ ପୁଞ୍ଜି ବିନିଯୋଗ କରି ଏକ ମହୁ ପ୍ରକ୍ରିୟାକରଣ ଶିଳ୍ପ ପୁଞ୍ଜି ସ୍ଥାପନ ପାଇଁ ବିଭାଗଦ୍ୱାରା ପ୍ରସ୍ତାବିତ ଯୋଜନାକୁ ଯଥାଶିଘ୍ର କାର୍ଯ୍ୟକାରୀ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି ; ଉକ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ 2021-22 ବର୍ଷରେ ନିଷ୍ପତ୍ତି ନେବେ କି?

----

## Functioning of SC/ST Hostel

56 **Shri. Ramesh Chandra Behera (Daspalla):**

Will the Minister for **ST & SC Development, Minorities & Backward Classes Welfare** be pleased to state that :-How many SC/ST Hostel have not yet made functional in Daspalla Assembly Constituency even after completion for last 3 years; What are the difficulties to make those hostels functional; Will the

Govt. decide to SC/ST boarders in those hostels from the 2021-22 academic session?

----

## Steps to fill up the vacancies

57 **Shri. Ramesh Chandra Behera (Daspalla):**

Will the Minister for **ST & SC Development, Minorities & Backward Classes Welfare** be pleased to state that :-How many posts of teaching and non-teaching staff have been laying vacant in the Schools & Hostels managed by SSD Department in the Nayagarh District; Give a school and block wise list on that. Will the Govt. have expeditions steps to fill up those vacancies for smooth running of department schools and hostels?

----

## ଇନ୍ଦିରା ଆବାସ ଯୋଜନାରେ ଗୃହ ଯୋଗାଣ

58 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ ବସବାସ କରୁଥିବା ଅନୁସୂଚିତ ଜନଜାତି ଓ ଜାତି ପରିବାର ମଧ୍ୟରୁ କେତେ ପରିବାରର ନିଜସ୍ୱ ଗୃହ ନାହିଁ; 2014 ବେଳେ କେତେ ଥିଲା ; 2020 ଶେଷରେ ତାହା କେତେରେ ପହଞ୍ଚିଛି ; ଏହାର ଜିଲ୍ଲାୱାରୀ ହିସାବ ଦେବେ କି ; (ଖ) 2010 ପରଠାରୁ ଇନ୍ଦିରା ଆବାସ ଯୋଜନାରେ କେତେ ଅନୁସୂଚିତ ଜନଜାତି ଏବଂ ଜାତି ପରିବାର ହିତାଧିକାରୀ ହୋଇଛନ୍ତି ତାହା ଦର୍ଶାଇବେ କି?

----

## Sports Complex କୁ ବିଶ୍ୱ ସ୍ତରୀୟ କରିବା ପାଇଁ ପଦକ୍ଷେପ

59 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଜୟପୁର ଠାରେ ନିର୍ମାଣଧିନ Sports Complex କେବେ ସମାପ୍ତ ହେବ ; ଏହାକୁ ବିଶ୍ୱସ୍ତରୀୟ କରାଯିବ କି ; ଏହି Sports Complex ନିର୍ମାଣର ମୂଳ estimate କେତେ ଥିଲା ; ନିର୍ମାଣ ସମୟ ବଢି ବଢି ଚାଲିବାରୁ estimate ରେ କେତେ ବୃଦ୍ଧି ହୋଇଛି ; ଏବଂ ଏପରି ଅହେତୁକ ବିଳମ୍ବ ପାଇଁ କିଏ କିଏ ଦାୟୀ ଅଟନ୍ତି ?

----

## ବିଦ୍ୟୁତ୍ ଚୋରୀ ପାଇଁ ମାମଲା

60 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଏବେ ବିଦ୍ୟୁତ ସରବରାହ ଜନିତ କ୍ଷତି କେତେରେ ପହଞ୍ଚିଛି ; 2010 ରେ କେତେ ଥିଲା ; ସେହିପରି ଭାବେ ବିଦ୍ୟୁତ୍ ଚୋରୀ କେତେ ପରିମାଣ (unit) ହୋଇଛି ; କେଉଁ ଅଞ୍ଚଳରେ ବେଶୀ ବିଦ୍ୟୁତ୍ ଚୋରୀ ହେଉଛି ; ତାହାର ତଥ୍ୟ ଦେବେ କି ଏବଂ ବିଦ୍ୟୁତ ଚୋରୀ ପାଇଁ କେତେ ମାମଲା ରୁଜୁ ହୋଇଛି ?

----

### Software Park ସ୍ଥାପନ

61 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଜୟପୁର ଠାରେ ଏକ Software Park ସ୍ଥାପନ ପାଇଁ ସରକାର ପ୍ରତିଶୃତି ଦେଇଥିଲେ କି ; ସେ ଦିଗରେ କିଛି ଅଗ୍ରଗତି ହୋଇଛି କି ; ଏହି Software Park ରେ ସାମିଲ ହେବା ପାଇଁ କେଉଁ କେଉଁ IT Company ଆଗ୍ରହ ପ୍ରକାଶ କରିଛନ୍ତି ; ସେମାନଙ୍କର ନାମ ପ୍ରକାଶ କରିବେ କି?

----

### ବିଦ୍ୟୁତ୍ ଶକ୍ତି ଉତ୍ପାଦନ

62 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) କୋରାପୁଟ ଜିଲ୍ଲା ସ୍ଥିତ କୋଲାବ ଜଳ ବିଦ୍ୟୁତ୍ କେନ୍ଦ୍ରରୁ ଏବେ ଦୈନିକ କେତେ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଛି ; ପ୍ରାରମ୍ଭରେ ଏହି ପ୍ରକଳ୍ପରୁ କେତେ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା ; (ଖ) ଏହି ପ୍ରକଳ୍ପରୁ ଉତ୍ପାଦିତ ବିଦ୍ୟୁତ ଶକ୍ତି କେବେ କୋରାପୁଟ ଜିଲ୍ଲାରେ ବିନିଯୋଗ କରାଯିବ?

----

### Tribal Advisory Council ଗଠନ

63 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିମାନଙ୍କ ପାଇଁ Tribal Advisory Council ଗଠନ କରାଯାଇଛି କି ; ଯଦି ହଁ ତେବେ ଏଥିରେ ବର୍ତ୍ତମାନ କେଉଁ କେଉଁମାନେ କେଉଁ ପଦବୀରେ ସଦସ୍ୟ ଅଛନ୍ତି ; ଉକ୍ତ Tribal Advisory Council ର ବୈଠକ ନିୟମିତ ହେଉଛି କି ନାହିଁ?

----

### CCA ମାନଙ୍କୁ ସ୍ଥାୟୀ ନିଯୁକ୍ତି

64 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିମାନଙ୍କ ପାଇଁ Tribal Advisory Council ଗଠନ କରାଯାଇଛି କି ; ଯଦି ହଁ ତେବେ ଏଥିରେ ବର୍ତ୍ତମାନ କେଉଁ କେଉଁମାନେ କେଉଁ ପଦବୀରେ ସଦସ୍ୟ ଅଛନ୍ତି ; ଉକ୍ତ Tribal Advisory Council ର ବୈଠକ ନିୟମିତ ହେଉଛି କି ନାହିଁ?

----

**Ambedkar Bhawan ପ୍ରତିଷ୍ଠା**

65 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ SC/ST , OBC ଏବଂ Minorities ମାନେ ବହୁ ସଂଖ୍ୟାରେ ବସବାସ କରୁଛନ୍ତି ; ସେମାନଙ୍କୁ ରହିବା, ଖାଇବା ପାଇଁ ରାଜ୍ୟରେ ଏକ Ambedkar Bhawan ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବେ କି?

----

**ବିଦ୍ୟୁତ୍ Transformer ର ସଂଖ୍ୟା**

66 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାୟଗଡା ନିର୍ବାଚନ ମଣ୍ଡଳୀରେ ଆଜି ସୁଦ୍ଧା କେତୋଟି ବିଦ୍ୟୁତ୍ Transformer ଅଛି, ସେଥିରୁ ବର୍ତ୍ତମାନ କେତୋଟି କାର୍ଯ୍ୟକ୍ଷମ ଅଛି, କେତୋଟି Transformer ବର୍ତ୍ତମାନ କାମ କରୁନାହିଁ, କାମ କରୁ ନଥିବା Transformer ଗୁଡିକୁ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ତାର ସମସ୍ତ ବ୍ଲକୱାରୀ ତାଲିକା ଦେବେ କି ?

----

**Sub-Station ପ୍ରତିଷ୍ଠା**

67 **ଶ୍ରୀ ମକରନ୍ଦ ମୁଦୁଲି (ରାୟଗଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାୟଗଡା ନିର୍ବାଚନ ମଣ୍ଡଳୀରେ କେତୋଟି Electry Sub-Station ପ୍ରତିଷ୍ଠା ପାଇଁ ସରକାରଙ୍କର ପ୍ରସ୍ତାବ ଅଛି , ସେଥିରୁ ବର୍ତ୍ତମାନ କେଉଁ କେଉଁ ଠାରେ କେତୋଟି Sub-station କାର୍ଯ୍ୟକ୍ଷମ ହେଲାଣି, ଆଉ କେଉଁ କେଉଁ ଠାରେ କେତୋଟି Sub-station କେବେ ସୁଦ୍ଧା ପ୍ରତିଷ୍ଠା ହେବ ଜଣାଇବେ କି ?

----

**Rural Sports Complex ସ୍ଥାପନ**

68 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ବିଗତ ପାଞ୍ଚ ବର୍ଷରେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ସଂଖ୍ୟକ ବ୍ଲକସ୍ତରୀୟ Rural Sports Complex କେତେ ଟଙ୍କା ବିନିମୟରେ ସ୍ଥାପନ କରିବାର ଲକ୍ଷ୍ୟ ଥିଲା, ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟାର Rural Sports Complex ସ୍ଥାପନ ହୋଇ କେଉଁ କେଉଁ ପ୍ରକାର facilities ଏହି Sports Complex ମାନଙ୍କରେ ଯୋଗାଇ ଦିଆଯାଇ କାର୍ଯ୍ୟକ୍ଷମ ହୋଇସାରିଛି, ଅସମ୍ପୂର୍ଣ୍ଣ ଥିବା Rural Sports Complex ର କାରଣ ସହ କେବେ ସୁଦ୍ଧା ଏହି Sports Complex ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର Rural Sports Complex ମାନଙ୍କର ବର୍ତ୍ତମାନ Status କଣ ଅଛି ତାର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନ କରିବେ କି ?

----

## ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା

୬୨ **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜସ୍ୱ ପ୍ରଶାସନ ପରିଚାଳନା ନିମନ୍ତେ ବଲାଙ୍ଗିର ଜିଲ୍ଲାରେ ତହସିଲଦାର / ଅତିରିକ୍ତ ତହସିଲଦାର/ରେଭେନ୍ୟୁ ସୁପରଭାଇଜର / ରେଭିନ୍ୟୁ ଇନ୍ସପେକ୍ଟର /ଅମିନ ଇତ୍ୟାଦି ଦରକାର ପଡୁଥିବା ପଦବୀ ମାନଙ୍କ ମଞ୍ଜୁରୀ ପ୍ରାପ୍ତ ସଂଖ୍ୟା କେତେ, ବର୍ତ୍ତମାନ ମଞ୍ଜୁରୀପ୍ରାପ୍ତ ଏହି ପଦବୀ ସଂଖ୍ୟା ପାଇଁ କେତେ ସଂଖ୍ୟକ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ଓ କେତେ ସଂଖ୍ୟକ ପଦବୀ କେତେ ତାରିଖ ଠାରୁ କେଉଁ କାରଣ ପାଇଁ ଖାଲି ଅଛି, ଖାଲିଥିବା ପଦବୀ ପାଇଁ ଜନସାଧାରଣ ଅନୁଭବ କରୁଥିବା ନାହିଁ ନଥିବା ଅସୁବିଧା ନିମନ୍ତେ ସରକାରଙ୍କର ମତାମତ କଣ, ଏହି ଖାଲିଥିବା ପଦବୀ ପୂରଣ ନିମନ୍ତେ ସରକାର କି ପଦକ୍ଷେପ ନେଇଛନ୍ତି ତାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା

70 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବଲାଙ୍ଗୀର ଜିଲ୍ଲା ଆଗଲପୁର ପଞ୍ଚାୟତ ସମିତିର ଆଗଲପୁର ଠାରେ ଏକ ସବ-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା ନକରିବାର କାରଣ କଣ, ଜନସାଧାରଣଙ୍କ ଦାବୀକୁ ସମ୍ମାନ ଜଣାଇ ଜନହିତ ନିମନ୍ତେ ଆଗଲପୁର ଠାରେ ଏକ ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ପଦକ୍ଷେପ ନେବେ କି ?

----

## ସୌଭାଗ୍ୟ ଯୋଜନାରେ ସାମିଲ ଗାଁଆ ସଂଖ୍ୟା

71 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ସୌଭାଗ୍ୟ ଯୋଜନାରେ ରାଜ୍ୟର କେଉଁ ଜିଲ୍ଲାର କେତୋଟି ଗାଁଆକୁ ସାମିଲ କରାଯାଇଛି, ବର୍ତ୍ତମାନ ସୁଦ୍ଧା କେତୋଟି ଗାଁଆରେ ଉପଭୋକ୍ତାମାନେ ଲାଭାନ୍ୱିତ ହୋଇସାରିଲେଣି ଓ କେତୋଟି ଗାଁଆରେ ସୌଭାଗ୍ୟ ଯୋଜନା କାମ ଅସମ୍ପୂର୍ଣ୍ଣ ଅଛି କାରଣ ସହ କେବେ ସୁଦ୍ଧା ଏହି ଗାଆଁ ମାନଙ୍କରେ ଉପଭୋକ୍ତାମାନେ ଏହି ଯୋଜନାର ସୁଫଳ ପାଇ ପାରିବେ, (ଖ) ଲୋଇସିଂହା ନିର୍ବାଚନ ମଣ୍ଡଳୀର କେତୋଟି ଗାଁର କେତେ ଜଣ ଉପଭୋକ୍ତାଙ୍କୁ ସୌଭାଗ୍ୟ ଯୋଜନାରେ ସାମିଲ କରିବା ପାଇଁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ବର୍ତ୍ତମାନ ସୁଦ୍ଧା କେତୋଟି ଗାଆଁରେ ସୌଭାଗ୍ୟ ଯୋଜନା କାମ ଅଂସମ୍ପୂର୍ଣ୍ଣ ଅଛି କାରଣ ସହ କେବେ ସୁଦ୍ଧା ଏହି ଗାଆଁ ମାନଙ୍କର କେତେ ଜଣ ଉପଭୋକ୍ତା ଏହି ଯୋଜନାର ସୁଫଳ ପାଇବେ ପଞ୍ଚାୟତୱାରୀ ଓ ଗ୍ରାମୱାରୀ ତଥ୍ୟ ଦେବେ କି ?

----

## ପଛୁଆ ବର୍ଗରେ ସାମିଲ କରିବା ପାଇଁ ପଦକ୍ଷେପ

72 **ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବଲାଙ୍ଗିର ଜିଲ୍ଲାରେ ବାସ କରୁଥିବା ହଳଦିଆ ତେଲି ଜାତି ଓ ଉପଜାତିର ଜନସାଧାରଣଙ୍କ ଦାବୀ କ୍ରମେ ଏହି ବର୍ଗର ଜନସାଧାରଣଙ୍କୁ ସାମାଜିକ ଓ ଅର୍ଥନୈତିକ ଦୃଷ୍ଟିକୋଣରୁ ଅନଗ୍ରସର ଭାବରେ ବିବେଚନା କରି ପଛୁଆବର୍ଗ ଜାତିରେ ସାମିଲ କରିବା ପାଇଁ ପଦକ୍ଷେପ ନେବେ କି ?

----

## Hostel ରେ ପିଇବା ପାଣିର ବ୍ୟବସ୍ଥା

73 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ମ. ରାମପୁର ବ୍ଲକର ବାରବନ୍ଧା G.P. ର ବେଲଗାଁରେ ନିର୍ମାଣ ହୋଇଥିବା Hostel ରେ ପିଇବା ପାଣିର ସୁବିଧା ନଥିବା ସତ୍ୟ କି, ଯଦି ସତ୍ୟ କେବେ ସୁଦ୍ଧା ପିଇବା ପାଣିର ବ୍ୟବସ୍ଥା କରିବେ, ଜଣାଇବେ କି, ଏବଂ (ଖ) ମ. ରାମପୁର ବ୍ଲକର ଉର୍ଲାଦାନୀ, ମଦନପୁର ଓ ବାଲିଭଟା ଆଶ୍ରମ ହାଇସ୍କୁଲ ଓ କେତୋଟି ସେବାଶ୍ରମ ଅଛି, ସେ ସମସ୍ତ Repair and Renovation, Water Supply ଏହି ସବୁ ଆବଶ୍ୟକତା ପୂରଣ ପାଇଁ ଓ ଛାତ୍ରଛାତ୍ରୀମାନଙ୍କର ବସିବା ପାଇଁ Desk ର ବ୍ୟବସ୍ଥା କରାଯାଇଛି କି, ଯଦି କରାଯାଇ ନାହିଁ ତାର ତୁରନ୍ତ ବ୍ୟବସ୍ଥା କରିବେ କି ?

----

## ଜିଲ୍ଲାରୁ ଆସିଥିବା Report ଓ ବିପର୍ଯ୍ୟୟ ପରିମାଣ

74 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- (କ) ରାଜ୍ୟରେ R.I. ଓ ତହସିଲଦାର ମାନଙ୍କୁ ଯେଉଁ ସ୍ଥାନରେ କମ୍ ବର୍ଷା ଓ ମରୁଡି ପରିସ୍ଥିତିର ଅଭିଯୋଗ ଆସିଛି ସେହି ଅଞ୍ଚଳ ବୁଲି କେଉଁ କେଉଁ ଜିଲ୍ଲାରୁ Report ଆସିଅଛି ଜଣାଇବେ କି , (ଖ) ନର୍ଲା ନିର୍ବାଚନ ମଣ୍ଡଳୀର କେଉଁ କେଉଁ ସ୍ଥାନରୁ ଏଭଳି Report Tahasildar ପାଇଛନ୍ତି ତାର ଏକ ସବିଶେଷ ବିବରଣୀ ଦେବେ କି ?

----

**Throw Ball କୁ 'C' ରୁ 'B' Category କୁ ଉନ୍ନତି**

75 **ଶ୍ରୀ ଭୁପିନ୍ଦର ସିଂହ (ନାର୍ଲା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) Indian Olympic Association Throw Ball କୁ ସ୍ୱୀକୃତି ପ୍ରଦାନ ତଥା School Games, Federation of India under 14, 17, 19 କୁ Recognition ଦେଇଅଛି ଓ 2016 ରେ ଓଡ଼ିଶା Throw ball ର Men Team ଜାତୀୟ ସ୍ତରରେ Runners up ହୋଇଥିବା ହେତୁ ରାଜ୍ୟ ସରକାରଙ୍କ କ୍ରୀଡା ବିଭାଗରୁ 14 ଜଣ ଖେଳାଳୀଙ୍କୁ 10 ହଜାର ଲେଖାଏଁ ଅର୍ଥ ରାଶି ପୁରସ୍କାର ଦେଇଥିଲେ, (ଖ) ବର୍ତ୍ତମାନ ରାଜ୍ୟରେ ଏକ ମାତ୍ର ଖେଳ Throw ball ଜିଲ୍ଲାରୁ ରାଜ୍ୟ ସ୍ତରୀୟ ପର୍ଯ୍ୟନ୍ତ ପ୍ରତିଯୋଗିତାରେ 25 ରୁ ଅଧିକ ଜିଲ୍ଲା ଅଂଶ ଗ୍ରହଣ କରୁଥିବା ସତ୍ତ୍ୱେ ଏ ଖେଳକୁ 'C' Category କୁ ଖସାଇ ଦେବା କେତେ ଦୂର ଯଥାର୍ଥ, Throw Ball କୁ ତାର ଉପଯୁକ୍ତ ସ୍ଥାନ 'C' ରୁ 'B' Category କୁ ଉନ୍ନତି ଆଣିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

**ପଟ୍ଟା ହସ୍ତାନ୍ତର ଓ ବିପର୍ଯ୍ୟୟ ପରିଚାଳନା**

76 **ଶ୍ରୀ ଭୁପିନ୍ଦର ସିଂହ (ନାର୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) କେସିଙ୍ଗା ବ୍ଲକର ବେଲଖଣ୍ଡି ଗ୍ରାମ ପଞ୍ଚାୟତର ତାଳ ଭଅଁରା କୋଲ ନିପଡାରେ ବନ୍ୟାଗ୍ରସ୍ତ ଲୋକଙ୍କୁ 1977 ମସିହା ରୁ ଥଇଥାନ କରାଯାଇଅଛି, ସେହି ଜମି Private ଲୋକଙ୍କଠାରୁ ସର୍ତ୍ତ ମୂଳକ ନିଆଯାଇ ଲୋକମାନଙ୍କୁ ଥଇଥାନ କରାଗଲା, ବର୍ତ୍ତମାନ ପର୍ଯ୍ୟନ୍ତ ବସବାସ କରୁଥିବା ଲୋକ ମାନଙ୍କୁ ପଟ୍ଟା ହସ୍ତାନ୍ତର କରାଯାଇ ନଥିବା ସତ୍ୟ କି, ଏଥିପାଇଁ ଯେଉଁ Private ଲୋକ ମାନଙ୍କ ଠାରୁ ଜାଗା ନିଆଯାଇଥିଲା, ତାଙ୍କୁ ତା ବଦଳରେ (Alternate) ସରକାର ଜମି ଦେବାପାଇଁ ସର୍ତ୍ତ ରଖାଯାଇଥିଲା କି, ଏ କାର୍ଯ୍ୟକୁ ଶିଘ୍ର କାର୍ଯ୍ୟକାରୀ କରି ଲୋକ ଦାନ କରିଥିବା ଜାଗା କେବେ ସୁଦ୍ଧା ଦଆଯିବ, ଏତେ ବିଳମ୍ବର କାରଣ କଣ, ଜଣାଇବେ କି, (ଖ) M. Rampur Block ର ମୁଡିଙ୍ଗ ଗ୍ରାମ ପଞ୍ଚାୟତର ଚିତଲପଟା କାଜୁ ବଗିଚାକୁ ପଞ୍ଚାୟତକୁ ହସ୍ତାନ୍ତର କରିବାର ବିଳମ୍ବର କାରଣ କଣ, ଜଣାଇବେ କି ?

----

**Additional Tahasil Office ଖୋଲିବା ପାଇଁ ବ୍ୟବସ୍ଥା**

77 **ଶ୍ରୀ ଭୁପିନ୍ଦର ସିଂହ (ନାର୍ଲା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ R.I. Circle recognisation କରିବା ପାଇଁ ବିଭାଗ ଚିନ୍ତା କରିଛନ୍ତି କି, ନୂଆ Additinal Tahasil Office କେଉଁ କେଉଁ Block ରେ ଖୋଲିବାର ବ୍ୟବସ୍ଥା ରହିଛି, (ଖ) ନୂଆ Sub-division କେଉଁ କେଉଁ ସ୍ଥାନରୁ ଖୋଲିବା ପାଇଁ ସରକାରଙ୍କ ପାଖରେ ପ୍ରସ୍ତାବ ଆସିଛି, ମଃ ରାମପୁର ବ୍ଲକକୁ Sub-division ହେବାର ସମସ୍ତ ଯୋଗ୍ୟତା ଥିବା ଦୃଷ୍ଟିରୁ Sub-division ଖୋଲିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଜବରଦଖଲ ମୁକ୍ତ କରିବାକୁ ପଦକ୍ଷେପ

78 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଟକ ଜିଲ୍ଲାର କେଉଁ ତହସିଲ ଅଞ୍ଚଳରେ କେତେ ପରିମାଣ ଗୋଚର ଜମି, ଶ୍ମଶାନ ଜମି, ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ହୋଇଛି ପ୍ରକାଶ କରି ଏହାକୁ ଜବରଦଖଲ ମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖେଳ ପଡିଆର ବିକାଶ

79 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର ଗ୍ରାମାଞ୍ଚଳ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଖେଳ ପଡିଆ ବିକଶିତ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିଳ୍ପାୟନ ପାଇଁ ଜମି

80 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-Land Bank ମାଧ୍ୟମରେ କଟକ ଜିଲ୍ଲାର କେଉଁ ତହସିଲରେ କେତେ ଜମି ଶିଳ୍ପାୟନ ପାଇଁ ମହଜୁଦ ଅଛି ତାହାର ବିବରଣୀ ପ୍ରଦାନ କରିବେକି?

----

## ରାଧାନାଥଙ୍କ ନାମରେ ଡ଼ାକ ଟିକଟ ପ୍ରଚଳନ

81 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କୂଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ନାମରେ ପ୍ରଚଳିତ ଲଫାପା ମୂଲ୍ୟରେ ଡ଼ାକଟିକଟ ପ୍ରଚଳନ ସହ ବିଶ୍ୱର ପ୍ରଥମ ସତାୟୁ ଖବରକାଗଜ ସମ୍ପାଦକ, ସମାଜର ପୂର୍ବତନ ସମ୍ପାଦକ, ପୂର୍ବତନ ମନ୍ତ୍ରୀ ଡ଼ଃ ରାଧାନାଥ ରଥଙ୍କ ନାମରେ ଡ଼ାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଆତ୍ମନିଯୁକ୍ତି ସୃଷ୍ଟି

82 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଟକ ଜିଲ୍ଲାରେ ଖଦୀ ଓ ଗ୍ରାମୋଦ୍ୟୋଗ ଶିଳ୍ପ ମାଧ୍ୟମରେ ଆତ୍ମନିଯୁକ୍ତି ସୃଷ୍ଟି ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଜମି ପାସ୍ ବୁକ୍ ଯୋଗାଣ

83 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାର କେଉଁ ତହସିଲରେ ପ୍ରଜାମାନଙ୍କୁ ଜମି ପାସବୁକ ଯୋଗାଣରେ କେତେ ଶତାଂଶ ଅଗ୍ରଗତି କରିଛି ପ୍ରକାଶ କରି ଏହି ପ୍ରକ୍ରିୟା କେବେସୁଦ୍ଧା ପୂର୍ଣ୍ଣାଙ୍ଗ ହେବ ?

----

## କ୍ରୀଡ଼ା ଛାତ୍ରାବାସର ସମ୍ପ୍ରସାରଣ

84 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକଠାରେ କ୍ରୀଡ଼ା ଛାତ୍ରାବାସ ଓ ଛାତ୍ରୀନିବାସରେ କେତେ ଜଣଙ୍କୁ ରଖିବାର ବ୍ୟବସ୍ଥା ଥିବା ବେଳେ ଏହାକୁ ସମ୍ପ୍ରସାରଣ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଶିଳ୍ପାୟନ ପାଇଁ ପଦକ୍ଷେପ

85 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାରେ ଶିଳ୍ପାୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଶିଳ୍ପାୟନ ପାଇଁ ଋଣ ପ୍ରଦାନ

86 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାରେ କେତେ ଜଣ ମହିଳାଙ୍କୁ ଅଦ୍ୟାବଧି କ୍ଷୁଦ୍ର ଶିଳ୍ପାୟନ ପାଇଁ ଋଣ ପ୍ରଦାନ କରାଯାଇଛି ଓ ଅଧିକ ମହିଳାକୁ କ୍ଷୁଦ୍ର ଓ ସୂକ୍ଷ୍ମଶିଳ୍ପାୟନ ପାଇଁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଲଫାପା ମୂଲ୍ୟର ଡ଼ାକଟିକଟ ପ୍ରଚଳନ

୫୭ **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଉତ୍କଳ କେଶରୀ ହରେକୃଷ୍ଣ ମହତାବ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, କବିଶେଖର ଚିନ୍ତାମଣି ମହାନ୍ତି, କନିକା ପ୍ରଜାମଣ୍ଡଳ ଆନ୍ଦୋଳନନେତା ବିପ୍ଳବୀ ଚକ୍ରଧର ବେହେରାଙ୍କ ନାମରେ ଲଫାପା ମୂଲ୍ୟର ଡ଼ାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## କ୍ରୀଡ଼ା ଛାତ୍ରାବାସ ପ୍ରତିଷ୍ଠା

୫୫ **ଶ୍ରୀ ସୌଭିକ୍ ବିଶ୍ଵାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଚୌଦ୍ୱାରଠାରେ କ୍ରୀଡ଼ାଛାତ୍ରା ବାସ ଓ ଛାତ୍ରୀନିବାସ ପ୍ରତିଷ୍ଠାକରି ଏଠାରେ କ୍ରୀଡ଼ାବିତମାନଙ୍କ ପ୍ରତିଭା ବିକାଶ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଭାରି ଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

୫୨ **ଶ୍ରୀ ସୌଭିକ୍ ବିଶ୍ଵାଳ (ଚୌଦ୍ୱାର-କଟକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଚୌଦ୍ୱାର ସହ କଟକ ଜିଲ୍ଲାରେ କେଉଁ ଭାରୀଶିଳ୍ପ କେବେଠାରୁ ଅଚଳ ଅବସ୍ଥାରେ ଅଛି , ଏହି ଭାରୀଶିଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଉଦ୍ୟୋଗ ଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ପଦକ୍ଷେପ

୨୦ **ଶ୍ରୀ ସୌଭିକ୍ ବିଶ୍ଵାଳ (ଚୌଦ୍ୱାର-କଟକ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କରୋନା ପରବର୍ତ୍ତୀ ସ୍ଥିତିରେ କଟକ ଜିଲ୍ଲାର କେଉଁ ଶିଳ୍ପାଞ୍ଚଳ ଓ କେଉଁ ଅଞ୍ଚଳରେ କେତେଗୋଟି ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବନ୍ଦ ହୋଇଛି ପ୍ରକାଶ କରି ଏହି ଉଦ୍ୟୋଗ ଗୁଡିକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଡ଼ାକ ଟିକଟ ପ୍ରଚଳନ

୨୧ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟର କେଉଁ ବରପୁତ୍ର, ଅନୁଷ୍ଠାନ, ସଂସ୍ଥା ଉପରେ କେଉଁ ମସିହାରେ କେତେମୂଲ୍ୟର ଡ଼ାକଟିକଟ ପ୍ରଚଳନ ହୋଇଛି, ତନ୍ମଧ୍ୟରୁ ବହୁ ଡ଼ାକଟିକଟ ସ୍ୱଳ୍ପମୂଲ୍ୟର ହେବା କାରଣରୁ ଏହା ବ୍ୟବହାର ହେଉନଥିବାରୁ ପ୍ରଚଳିତ ଲଫାପା ମୂଲ୍ୟରେ ଏହି ଡ଼ାକଟିକଟ ପ୍ରଚଳନ ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ବକେୟା ରାଶି ପ୍ରଦାନ ପାଇଁ ପଦକ୍ଷେପ

୨୨ **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-2016 -17, 2017-18, 2018 -19 , 2019 -20 ଓ 2020 - 21 ବର୍ଷା ଓ ବନ୍ୟାରେ , କଟକ ଜିଲ୍ଲାର କେଉଁ ତହସିଲରେ କେତେ ବାସଗୃହ ଭାଙ୍ଗିଥିବାବେଳେ କେତେ ବ୍ୟକ୍ତି, ପ୍ରାଣୀସମ୍ପଦ ମୃତ୍ୟୁବରଣ କରିଛନ୍ତି, କେତେଜମି ବାଲିଚରେ ହୋଇଛି , ଏ ବାବଦରେ କେତେ କ୍ଷତିପୂରଣ ରାଶି ପ୍ରଦାନ ହୋଇଛି ଓ କେତେ ବକେୟା ଅଛି ବକେୟାରାଶି ତୁରନ୍ତ ପ୍ରଦାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ବାଲି, ମାଟି,ଓ ମୋରମର ଚୋରା ଉତ୍ତୋଳନ ରୋକିବାପାଇଁ ପଦକ୍ଷେପ

୨୩ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାର କେଉଁ ତହସିଲରୁ 2016 -17, 2017 -18 , 2018 -19, 2019-20 ଓ 2020 - 21 ଆର୍ଥୀକ ବର୍ଷର ଅଦ୍ୟାବଧି ଲଘୁଖଣିଜ, ବାଲି, ମୋରମ , ମାଟି ଓ ଅନ୍ୟସୁତ୍ରରୁ କେତେ ଅର୍ଥ ଆୟ ହୋଇଛି ପ୍ରକାଶ କରି ଏହାର ଚୋରା ଉତ୍ତୋଳନ ରୋକିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବନାବାଡ଼ିକୁ ସରକାରୀ ମର୍ଯ୍ୟାଦା ପ୍ରଦାନ

୨୪ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳହାଣ୍ଡି ଜିଲ୍ଲାର ବନାବାଡ଼ିକୁ ସମରକଳାର ମର୍ଯ୍ୟାଦା ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ପଦକ୍ଷେପ

୨୫ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାରେ ବୃହତ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ରେଣ୍ଡୋମାଝିଙ୍କ ଉପରେ ଡ଼ାକଟିକଟ ପ୍ରଚଳନ

୨୬ **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡିର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋମାଝିଙ୍କ ଉପରେ ଡ଼ାକଟିକଟ ପ୍ରଚଳନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାକୁ ପଦକ୍ଷେପ

97 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାରେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ରାଜସ୍ୱ ନିରୀକ୍ଷକ ପଦବୀ ପୂରଣ

୨୮ **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଢ଼େଙ୍କାନାଳ ଜିଲ୍ଲାରେ କେଉଁ ତହସିଲରେ ମଞ୍ଜୁରୀପ୍ରାପ୍ତ କେଉଁ ପଦବୀରୁ କେତେ ପଦବୀ ଖାଲିଥିବାବେଳେ, ମୋଟ ମଞ୍ଜୁରୀପ୍ରାପ୍ତ ରାଜସ୍ୱ ନିରୀକ୍ଷକ ସହକାରୀ ରାଜସ୍ୱ ନିରୀକ୍ଷକ ପଦବୀରୁ କେତେ ପଦବୀ ଖାଲି ଅଛି ତାହାକୁ ପୂରଣ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଖେଳପଡ଼ିଆର ବିକାଶ ପାଇଁ ପାଣ୍ଠି ବ୍ୟବସ୍ଥା

୨୨ **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଗତ ତିନିବର୍ଷରେ ଢ଼େଙ୍କାନାଳ ଜିଲ୍ଲାର କେଉଁ ଖେଳପଡ଼ିଆ ବିକଶିତ କରିବାକୁ କେତେ ଅର୍ଥ ବିନିମୟରେ କି କି କାର୍ଯ୍ୟ ସମ୍ପାଦନ ହୋଇଛି ପ୍ରକାଶ କରି ଜିଲ୍ଲାରେ ଥିବା ଖେଳପଡ଼ିଆ ବିକାଶ ପାଇଁ ସରକାର ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିବେ କି ?

----

## ବୃହତଶିଳ୍ପ ସଂସ୍ଥାକୁ ପୁନଃ କାର୍ଯ୍ୟକ୍ଷମ

100 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଢେ଼ଙ୍କାନାଳ ଜିଲ୍ଲାରେ ଥିବା କେଉଁ ବୃହତଶିଳ୍ପ ସଂସ୍ଥା କେବେଠାରୁ ଅଚଳ ଅବସ୍ଥାରେ ଅଛି, ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ଢେ଼ଙ୍କାନାଳଠାରେ I.T. Park ପ୍ରତିଷ୍ଠା

101 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଢେ଼ଙ୍କାନାଳଠାରେ I.T. Park ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

## PMEGP ଋଣ ପାଇଥିବା ହିତାଧିକାରୀଙ୍କ ତାଲିକା

102 **ଶ୍ରୀ ସୁଧୀର କୁମାର ସାମଲ (ଢେ଼ଙ୍କାନାଳ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଢେ଼ଙ୍କାନାଳ ଜିଲ୍ଲାରେ ବିଗତ ଚାରିବର୍ଷରେ କେଉଁ ବ୍ଲକ ଓ ପୌରସଂସ୍ଥାର କେତେଜଣ ହିତାଧିକାରୀଙ୍କ କେତେ ଟଙ୍କାର PMEGP ଋଣ ପ୍ରଦାନ କରାଯାଇଛି ତାହାର ତାଲିକା ପ୍ରଦାନ କରିବେ କି ?

----

## ହଷ୍ଟେଲ ବାବଦକୁ ଖର୍ଚ୍ଚ

103 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାର ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ଖର୍ଚ୍ଚ ବାବଦକୁ ମୁଣ୍ଡ ପିଛା କେତେଟଙ୍କା ଲେଖାଏଁ ଖର୍ଚ୍ଚ କରୁଛନ୍ତି ଓ ସମୁଦାୟ କେତେ ପିଲାଙ୍କ ପାଇଁ କେତେ ଟଙ୍କା ଷ୍ଟାଇପେଣ୍ଡ ବାବଦରେ ଖର୍ଚ୍ଚ କରୁଛନ୍ତି କହିବା ସଙ୍ଗେ ସଙ୍ଗେ ଅଧିକ ସଂଖ୍ୟକ ହଷ୍ଟେଲର ବ୍ୟବସ୍ଥା କରିବା ସହ ସ୍କୁଲ କଲେଜଠାରୁ ଦୂରରେ ଥିବା ହଷ୍ଟେଲ ଗୁଡ଼ିକରେ ରହୁଥିବା ପିଲାମାନଙ୍କ ଓ ଝିଅମାନଙ୍କ ସୁରକ୍ଷା ସୁବିଧା ପାଇଁ ହଷ୍ଟେଲ ଚାରିପଟେ ପାଚେରୀ, ସୁରକ୍ଷା କର୍ମୀ ଓ ଯିବା ଆସିବାପାଇଁ ବସର ବ୍ୟବସ୍ଥା କରିବେ କି ?

----

## ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଶିଳ୍ପ କାରଖାନା

104 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଲସରା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ସୁନ୍ଦରଗଡ଼ ଜିଲ୍ଲାରେ କେଉଁ କେଉଁ ଶିଳ୍ପ କାରଖାନା କେତୋଟି କେଉଁ କେଉଁଠାରେ ଅଛି ଓ କେଉଁ ଶିଳ୍ପ କେଉଁଖଣିରୁ କି କି କଞ୍ଚାମାଲ କେତେ ପରିମାଣରେ ବର୍ଷକୁ ନେଉଛନ୍ତି ଓ କି କି ଦ୍ରବ୍ୟ କେତେ ପରିମାଣରେ ଉତ୍ପାଦନ କରି କେତେ ଲାଭ କରୁଛନ୍ତି ତାର ବିସ୍ତୃତ ବିବରଣୀ ଦେବା ସଙ୍ଗେ ସଙ୍ଗେ କେଉଁ ଶିଳ୍ପ କରୋନା ମହାମାରୀ ସମୟରେ କେତେ ପରିମାଣର ଶ୍ରମିକ ଛଟେଇ କରିଛନ୍ତି, ଦରମା ବନ୍ଦ କରିଛନ୍ତି ଦରମା କମାଇଛନ୍ତି ଓ କେତେ ଲେଖାଏଁ ପ୍ରଧାନମନ୍ତ୍ରୀଙ୍କ ଫଣ୍ଡକୁ ଓ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡକୁ ଦାନ କରିଛନ୍ତି କହିବେ କି ?

----

## ବିଶ୍ୱସ୍ତରୀୟ ଯୋଜନା ସମ୍ପର୍କରେ

105 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ରାଉରକେଲାରେ ଗୋଟିଏ ବିଶ୍ୱସ୍ତରୀୟ ହକି ଷ୍ଟାଡ଼ିୟମ୍ କରିବାକୁ ପଦକ୍ଷେପ ନେଉଥିବା ବେଳେ ରାଜ୍ୟରେ ଆଉ କେଉଁ କେଉଁ ଖେଳର ଓ ଖେଳାଳୀମାନଙ୍କର ପ୍ରୋତ୍ସାହନ କରିବା ପକ୍ଷେ ଆଉ କି କି ପ୍ରକାର ବିଶ୍ୱସ୍ତରୀୟ ଯୋଜନା ସରକାରଙ୍କ ପାଖରେ ଅଛି କି; ଅଲିମ୍ପିକ ଖେଳରେ ଓ Asian Game ଅନ୍ତର୍ଭୁକ୍ତ ଖେଳ ଗୁଡ଼ିକର ଉନ୍ନତି ପାଇଁ ଓ ଖେଳାଳୀମାନଙ୍କୁ ଉତ୍ସାହ ବଢ଼ାଇବା ପାଇଁ ସରକାର କିଛି ବିଶ୍ୱସ୍ତରୀୟ ଉଦ୍ୟମ କରିବା ପାଇଁ ଠୋସ୍ ପଦକ୍ଷେପ ନେବେ କି ?

----

## ଜମିଜମା ମାମଲା ଫଇସଲା କରି ଜମିପଟ୍ଟା ବଣ୍ଟନ

106 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ସୁନ୍ଦରଗଡ଼ ଜିଲ୍ଲାରେ କେତେ ତହସିଲଦାର ଆଡ଼ିସିନାଲ ତହସିଲଦାର, RI, ଅମିନ ପଦ ଖାଲି ପଡ଼ିଛି ଓ କେତୋଟି Revenue Officer ପଦ ଖାଲି ପଡ଼ିଛି କହିବେ କି; ଲୋକମାନଙ୍କର ସୁବିଧା ପାଇଁ ଓ ଶୀଘ୍ର କାମ ହାସଲ ପାଇଁ ବିଶେଷ କରି RI ଓ ଅମିନ ପଦ ଗୁଡିକ ତୁରନ୍ତ ପୂରଣ ପାଇଁ ପଦକ୍ଷେପ ନେବା ସଙ୍ଗେ ସଙ୍ଗେ ସବୁ ତହସିଲ ଅଫିସରେ କେତେ ଜମିଜମା ମାମଲା ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଗଡୁଛି ଓ ସେଗୁଡ଼ିକ ତୁରନ୍ତ ଫଇସଲା କରି ଜମି ପଟ୍ଟା ବଣ୍ଟନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----

## ଟାଟା ପାୱାର କମ୍ପାନିକୁ ହସ୍ତାନ୍ତର କରିବା ସମ୍ପର୍କରେ

107 **ଶ୍ରୀ ଭବାନୀ ଶଙ୍କର ଭୋଇ (ତଳସରା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାର, WESCO, SESCO, NESCO South Co ସବୁଗୁଡ଼ିକୁ ଟାଟା ପାୱାର କମ୍ପାନୀକୁ ହସ୍ତାନ୍ତର କରିବାର କାରଣ କଣ; ପୂର୍ବରୁ ଏସବୁ ଅଞ୍ଚଳରେ ଦାୟିତ୍ୱ ନେଇଥିବା କମ୍ପାନୀମାନଙ୍କ ଉପରେ ସରକାରଙ୍କର ବିଶ୍ୱାସ ଓ ଭରଷା କେଉଁ କାରଣରୁ ହଟିଗଲା ଓ Tata power କମ୍ପାନୀ ପାଖରେ କେଉଁ ଭରଷା ଓ ବିଶ୍ୱାସ ସରକାରଙ୍କୁ ଆଦରି ନେଲା କହିବେ କି; Tata Power ପ୍ରଭାବଶାଳୀ ଅଫିସର୍, ସରକାରୀ ଅଫିସ୍, ବଡ଼ବଡ଼ ଶିଳ୍ପକାରଖାନାମାନଙ୍କରୁ ଓ ପ୍ରଭାବଶାଳୀ କ୍ଷମତାଶାଳୀ ବ୍ୟକ୍ତି ବିଶେଷଙ୍କ ଠାରୁ କଣ ସବୁ ବକେୟା ବିଦ୍ୟୁତ୍ ବିଲ୍ ଆଦାୟ କରିବାର କ୍ଷମତା ରଖିଛି କି ନା ସାଧାରଣ ଜନତାଙ୍କ ଠାରୁ ବିଲ ଆଦାୟ କରିବ ?

----

## ଆଗରପଡ଼ାଠାରେ Mini Stadium ନିର୍ମାଣ

108 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କ୍ରୀଡ଼ାର ବିକାଶ ପାଇଁ ଯେଉଁ ଯେଉଁ ବ୍ଲକରେ ବିଶଷ ଆବଶ୍ୟକତା ଅଛି ସେଠାରେ ଏକରୁ ଅଧିକ Mini Stadium କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିବେ କି; ଏହି ନିର୍ମାଣ କାର୍ଯ୍ୟରେ MLA LADରୁ ମଧ୍ୟ ଆର୍ଥୀକ ସହଯୋଗ ଦେବା ପାଇଁ ଏକ Undertaking ମଧ୍ୟ ଦେବେ । ଏହାକୁ ବିଚାରକୁ ନେଇ ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଆଗରପଡ଼ାଠାରେ ଏକ Mini Stadium କରିବା ପାଇଁ ନିଷ୍ପତ୍ତି ନେବେ କି ?

----

## ଝୁଟୁଣା ପଞ୍ଚାୟତରେ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ

109 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଣ୍ଡାରୀ ପୋଖରୀ ବ୍ଲକ ଅନ୍ତର୍ଗତ ଝୁଟୁଣା ପଞ୍ଚାୟତ ବୈତରଣୀ ନଦୀ ଗର୍ଭରେ ଥିବାରୁ ବର୍ଷା ଦିନରେ ବନ୍ୟା ସମୟରେ ସେଠାକାର ଲୋକମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏହାକୁ ବିଚାରକୁ ନେଇ ସେଠାରେ ଏକ ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନେବେ କି; ପୂର୍ବରୁ ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କ ତରଫରୁ ବିଭାଗକୁ ଅବଗତ କରାଯାଇଛି ?

----

## ଭଦ୍ରକ ଜିଲ୍ଲାରେ Greed Station ସ୍ଥାପନ

110 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଭଦ୍ରକ ଜିଲ୍ଲାରେ ସମୁଦାୟ କେତୋଟି 132/33 K.V. Greed Station ସ୍ଥାପନ ପାଇଁ ନିଷ୍ପତ୍ତି ହୋଇଥିଲା ତନ୍ମଧ୍ୟରୁ କେତୋଟି କାର୍ଯ୍ୟକାରୀ ହୋଇଛି ଓ ସମ୍ପୂର୍ଣ୍ଣ ହୋଇନଥିବାGreedର କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ, ଏହି Greed ମାନଙ୍କରେ ଯୋଗ୍ୟତା ସମ୍ପୂର୍ଣ୍ଣ ଓ କୁଶଳୀ ସ୍ଥାନୀୟ ଯୁବକ ଯୁବତୀଙ୍କୁ ଅସ୍ଥାୟୀ ନିଯୁକ୍ତିରେ ଅଗ୍ରାଧିକାର ଦେବେ କି ?

----

## ଲବଣ ଉତ୍ପାଦନ କରୁଥିବା ସଂସ୍ଥା

111 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର କେଉଁଠାରେ କେଉଁ କେଉଁ ସଂସ୍ଥା ଦ୍ୱାରା ଲବଣ ଉତ୍ପାଦନ କରାଯାଉଛି , ରାଜ୍ୟର ବାର୍ଷିକ ଆବଶ୍ୟକତା କେତେ ଓ ତାହା ପୂରଣ କରିବାରେ କେତେ ସହାୟକ ହେଉଛି, କେଉଁ କେଉଁ ବାହାର ରାଜ୍ୟରୁ କେତେ ଲୁଣ ଆମଦାନୀ କରାଯାଉଛି ?

----

## ଧାମରାରେ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠା

112 **ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବନ୍ଦର ଭିତ୍ତିକ ଶିଳ୍ପ କହିଲେ କଣ ବୁଝାଏ; ଧାମରାରେ ଏକ ଜାହାଜ ନିର୍ମାଣ କାରଖାନା ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବେ କି?

----

## Exemption of market value

113 **Shri. Narasingha Mishra (Bolangir):**

Will the Minister for **Revenue and Disaster Management** be pleased to state that :-Is the Govt. aware about a letter No.-4094 Dt.8/9/20 of RDC, Sambalpur sent to Board of Revenue regarding reduction or exemption of market value of a Govt. land in Bolangir and if so, what action has been taken; will the Govt. consider it as the applicant is a land less and using this land for residential purpose?

----

## Loss and damage in Bolangir district due to heavy rain

114 **Shri. Narasingha Mishra (Bolangir):**

Will the Minister for **Revenue and Disaster Management** be pleased to state that :-a) What is the loss and damage in Bolangir district in general and Bolangir Assembly Constituency in Particular due to Heavy rain & flood in August 2019; How much funds have been given restoration damage in Bolangir and will the Minister furnish details there of; and (b) is it a fact that, the Govt. remained unable to restore the damage caused by aforesaid flood, if so, the

reason thereof and by what time, Govt. will take step in this regard?

----

## Proposal for enactment of single Revenue Code

115 **Shri. Narasingha Mishra (Bolangir):**

Will the Minister for **Revenue and Disaster Management** be pleased to state that :-Is there any proposal for enactment of single revenue code by consolidating and simplifying various revenue laws in the State, if so, what steps are being taken and by what time it will come into force?

----

## Detail expenditure for Covid-19

116 **Shri. Narasingha Mishra (Bolangir):**

Will the Minister for **Revenue and Disaster Management** be pleased to state that :-What is the total expenditure incurred to manage the COVID-19 epidemic in the state; will the Govt. furnish details of expenditure item wise and district wise alongwith funds received from Govt. of India and also other sources?

----

## Exemption of Market Value

117 **Shri. Narasingha Mishra (Bolangir):**

Will the Minister for **Revenue and Disaster Management** be pleased to state that :-(a) Is there any proposal for exemption of market value of Govt. Land for settlement being used by ST, SC and Landless People for residential & agricultural purpose in rural and urban areas in the State under Odisha Govt. Land Settlement Act; (b) How many applications are pending in the state for exemption of market value for consideration and will the Government furnish details of district wise ?

----

## Electrical Structure କୁ ଉଚ୍ଚ କ୍ଷମତା ସମ୍ପନ୍ନ କରିବାକୁ ପଦକ୍ଷେପ

118 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀର ଓଡଗାଁ ବ୍ଲକ ଅନ୍ତର୍ଗତ ଗୋଡିପଡାଠାରେ ଥିବା Electrical structure ଉପରେ ଗୋଡିପଡା ଓ ଏହାର ନିକଟବର୍ତ୍ତି ଗ୍ରାମବାସୀମାନେ ନିର୍ଭର କରିଥାନ୍ତି ମାତ୍ର ଏହି structure ରୁ ନିକଟବର୍ତ୍ତି ସମସ୍ତ ଗ୍ରାମକୁ ବିଜୁଳି ଯୋଗାଣ ସମ୍ଭବ ହୋଇପାରୁନଥିବା ବେଳେ ଜନସାଧାରଣ ବହୁତ ସଂଖ୍ୟକ ଗ୍ରାମକୁ ବିଜୁଳି ଯୋଗାଣ ପାଇଁ ଦାବୀ କରି ଆସୁଥିବାରୁ ଗୋଡିପଡାସ୍ଥିତ Electrical structure କୁ ଉଚ୍ଚ କ୍ଷମତା ସମ୍ପନ୍ନ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପଥରକ୍ୱାରୀରୁ ରାଜସ୍ୱ ଆୟ

119 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ତହସିଲରେ କେତୋଟି ପଥରକ୍ୱାରୀ ଅଛି, କେଉଁ ରାଜସ୍ୱ ଗ୍ରାମରେ କେଉଁ 2 ପ୍ଲଟ ନଂ ରେ କେତେ ପରିମାଣ ବୃଦ୍ଧିରେ ଏହି କ୍ୱାରୀ ଗୁଡିକ କେଉଁ 2 ନିଲାମ ଧାରୀ ବ୍ୟକ୍ତିଙ୍କ ନାମରେ କେତେ କେତେ ଟଙ୍କା ବିନିମୟରେ କେତେ କେତେ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦିଆଯାଇଛି ଏବଂ ଏ ବାବଦରେ ରାଜ୍ୟ ସରକାର କେତେ ରାଜସ୍ୱ ଆୟ କରିଛନ୍ତି ସରକାର ଏକ ବିଶଦ ବିବରଣୀ ପ୍ରଦାନ କରିବେ କି ?

----

## କାଜୁ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ

120 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଏକ ଶିଳ୍ପ ଅନଗ୍ରସର ନିର୍ବାଚନ ମଣ୍ଡଳୀ ଏହି ନିର୍ବାଚନ ମଣ୍ଡଳୀର ରଣପୁର ବ୍ଲକରେ ବହୁଳ ଭାବରେ କାଜୁ ଉତ୍ପାଦନ ହେଉଥିବାରୁ ଏଠାରେ ଏକ ସରକାରୀ ସ୍ତରରେ କାଜୁ ପ୍ରକ୍ରିୟାକରଣ ଶିଳ୍ପ ସ୍ଥାପନ କରିବା ସହିତ ଓଡଗାଁ ବ୍ଲକରେ ବହୁଳ ମୁଗ ଉତ୍ପାଦନ ହେଉଥିବାରୁ ଓଡଗାଁ ବ୍ଲକ ଅଞ୍ଚଳରେ ଏକ ମୁଗ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା କରି ସ୍ଥାନୀୟ ଅଞ୍ଚଳର ବେକାର ଯୁବକ ଯୁବତୀମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ସରକାର ବ୍ୟବସ୍ଥା କରିବେ କି ?

----

## ଆଦର୍ଶ ଖେଳ ପଡିଆ ନିର୍ମାଣ

121 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ଓଡିଶାରେ ପ୍ରତ୍ୟେକ ବ୍ଲକ ଓ NAC ରେ ଗୋଟିଏ ଲେଖାଏଁ ମିନି ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ସରକାରଙ୍କ ପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ ଅଦ୍ୟାବଧି ରାଜ୍ୟରେ କେତୋଟି ବ୍ଲକ ଓ NAC ରେ ମିନି ଷ୍ଟାଡିୟମ୍ ନିର୍ମାଣ ହୋଇଛି କେତେ ନିର୍ମାଣ ହେବା ପାଇଁ ବାକି ଅଛି ଏବଂ ବାକି ଥିବା ବ୍ଲକ ଓ NAC ମାନଙ୍କରେ କେବେସୁଦ୍ଧା ମିନି ଷ୍ଟାଡିୟମ୍ ନିର୍ମାଣ ହେବ, ରାଜ୍ୟରେ ଗ୍ରାମାଞ୍ଚଳ କ୍ରୀଡାର ବିକାଶ ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଗୋଟିଏ ଲେଖାଏଁ ଆଦର୍ଶ ଖେଳ ପଡିଆ (M.G.N.R.E.G.S. ବ୍ୟତୀତ) ନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଜମିର କିସମ ପରିବର୍ତ୍ତନ କରି ପ୍ରକଳ୍ପ ନିର୍ମାଣ ପାଇଁ ପଦକ୍ଷେପ

122 **ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଣପୁର ଓ ଓଡଗାଁ ବ୍ଲକର ଅନେକ ପ୍ରକଳ୍ପକୁ MLA LAD, M.P. LAD, S.P.F., S.D.P. ଆଦି ଯୋଜନାମାନଙ୍କର ଖେଳ ପଡିଆ, ପୋଖରୀ, ମନ୍ଦିର, କମ୍ୟୁନିଟି ସେଣ୍ଟରମାନଙ୍କୁ ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ଗୋଚର କିସମ ଜମି ବାଧକ ସାଜିବା ଯୋଗୁଁ ପ୍ରକଳ୍ପ କାମ ହୋଇପାରୁନାହିଁ ଏଣୁ ସରକାର କମ୍ ଗୋଚର କିସମ ଜମି ଥିବା ସ୍ଥାନମାନଙ୍କରେ ଜମିର କିସମ ପରିବର୍ତ୍ତନ କରି ପ୍ରକଳ୍ପଗୁଡିକର କାମ କରିବା ପାଇଁ ପଦକ୍ଷେପ ନେବେ କି ?

----

## ଅଧିଗୃହୀତ ବେସରକାରୀ ଜମିର ପରିମାଣ

123 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଥିବା ବିଭିନ୍ନ ଶିଳ୍ପାଞ୍ଚଳକୁ ସରକାର ଦେଇଥିବା ଜମି ମଧ୍ୟରୁ ଅଧିଗୃହୀତ ବେସରକାରୀ ଜମି କେତେ, ସେ ବାବଦରେ ରାଜକୋଷରୁ କେତେ ଟଙ୍କା ବ୍ୟୟ ହୋଇଥିଲା ଓ ଶିଳ୍ପ ସଂସ୍ଥାକୁ ଜମି ହସ୍ତାନ୍ତର ବାବଦରେ ମୋଟ କେତେ ଟଙ୍କା ସରକାର ପାଇଛନ୍ତି, କେଉଁ କେଉଁ ଶିଳ୍ପାଞ୍ଚଳରେ କେତେ ଜମି/ସେଡରେ ଅଣଶିଳ୍ପାନୁଷ୍ଠାନ ଓ ଆବାସିକ କୋଠା ନିର୍ମିତ ହୋଇଛି ଓ ଲିଜ୍ ସେଡକୁ କେଉଁ ଶିଳ୍ପ ସଂସ୍ଥା ତୃତୀୟ ପକ୍ଷଙ୍କୁ ବିକ୍ରି କରିଛନ୍ତି ଶିଳ୍ପାଞ୍ଚଳୱାରୀ ବିବରଣୀ ଦେବେ କି ?

----

## SJVN ପାଇଁ ସର୍ତ୍ତାବଳୀ

124 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଥିବା ନଦୀବନ୍ଧ ଓ ଅନ୍ୟାନ୍ୟ ଭିତ୍ତିଭୂମି ଉପଯୋଗରେ ଆହୁରି 2800 ମେଗାୱାଟ ଜଳ ବିଦ୍ୟୁତ୍ ଉତ୍ପାଦନର ସାମର୍ଥ୍ୟ ଥିବା କେନ୍ଦ୍ର ହିମାଚଳ ପ୍ରଦେଶ ସରକାରଙ୍କ ଯୁଗ୍ମ ଉଦ୍ୟୋଗ SJVN ଦର୍ଶାଇବା ସହ କାମ ହାତକୁ ନେବା ପାଇଁ ଆବେଦନ କରିଛି, ଏହି ସମ୍ଭାବନାକୁ ସାକାର କରିବା ସକାଶେ ରାଜ୍ୟ ସରକାର ଉଚ୍ଚସ୍ତରୀୟ ନିଷ୍ପତ୍ତି ନେଲେଣି କି, ଯଦି ହଁ , ତେବେ SJVN ପାଇଁ ସର୍ତ୍ତାବଳୀ କଣ ରହିବ ସୂଚନା ଦେବେ କି ?

----

## ମିଳିଥିବା ଆର୍ଥିକ ସହାୟତାର ପରିମାଣ

125 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରୋତ୍ସାହନ ନିମନ୍ତେ କେନ୍ଦ୍ର ସରକାର କରୋନା ସଂକ୍ରମଣ କାଳରେ ଘୋଷଣା କରିଥିବା ସହାୟତାରୁ ରାଜ୍ୟର କେତେ ସଂସ୍ଥାକୁ କେତେ ଆର୍ଥିକ ସହାୟତା ମିଳିଛି , ଏସବୁ ସଂସ୍ଥା ପାଇଁ ସଦ୍ୟ କେନ୍ଦ୍ରୀୟ ବଜେଟରେ ହୋଇଥିବା ବ୍ୟୟ ବରାଦରୁ ରାଜ୍ୟ କେତେ ଫାଇଦା ପାଇବ ଓ ତଦ୍ବାରା କେତେ ନୂଆ ନିଯୁକ୍ତି ସୃଷ୍ଟି ହେବ, ସରକାର ଆକଳନ କଲେଣି କି, ଯଦି ହଁ , ତେବେ ସବିଶେଷ ତଥ୍ୟ ଦେବେ କି ?

----

## ସବୁଜ ଶକ୍ତି ଉତ୍ପାଦନ

126 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଜଳ ବିଦ୍ୟୁତ୍ ଓ ସୌରଶକ୍ତି ସମେତ ଅନ୍ୟାନ୍ୟ ଉତ୍ସରୁ ସବୁଜ ଶକ୍ତି ଉତ୍ପାଦନ ସକାଶେ ବିସ୍ତୃତ ଯୋଜନା କଣ, ଏଥିପାଇଁ ବ୍ୟୟ ଅଟକଳ କେତେ ଓ କେବେସୁଦ୍ଧା ସବୁଜ ଶକ୍ତି ଉତ୍ପାଦନ ଲକ୍ଷ୍ୟ ହାସଲ ହେବ ସବିଶେଷ ବିବରଣୀ ଦେବେ କି ?

----

## ବିବାଦରେ ରୁଜୁ ହୋଇଥିବା ମାମଲା ସଂଖ୍ୟା

127 **ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ (ଖଣ୍ଡପଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଆଇନରେ ଥିବା ଫାଙ୍କରୁ ପଠାଇବା ଉଠାଇ ସାଧାରଣ ବର୍ଗର ଲୋକେ ଗତ 5 ବର୍ଷରେ ଅନୁସୂଚିତ ଜାତି ଓ ଜନଜାତିଙ୍କଠାରୁ କେତେ ଜମି କିଣିଛନ୍ତି ଏବଂ ସେଥିରୁ କେତେ ବିବାଦରେ ମାମଲା ରୁଜୁ ହୋଇଛି ଜିଲ୍ଲାୱାରୀ ତଥ୍ୟ ଦେବେ କି , ଏ କ୍ଷେତ୍ରରେ ଚଞ୍ଚକତା କରିଥିବା କେତେ ସରକାରୀ କର୍ମଚାରୀ ଦଣ୍ଡିତ ହୋଇଛନ୍ତି ଜଣାଇବେ କି ?

----

## କ୍ରିକେଟ ପଡିଆ ପ୍ରସ୍ତୁତ ପାଇଁ ପ୍ରସ୍ତାବ

128 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ବାଲେଶ୍ୱର ଜିଲ୍ଲାରେ OCA ସହବନ୍ଧିତାରେ କେଉଁଠାରେ କ୍ରିକେଟ୍ ପଡିଆ ପ୍ରସ୍ତୁତ କରିବା ପାଇଁ ପ୍ରସ୍ତାବ ରହିଛି , OCA କର୍ତ୍ତୃପକ୍ଷ ସେଥିମଧ୍ୟରୁ କେତୋଟି, କେଉଁଠାରେ ପଡିଆକୁ ମନୋନୀତ କରିଛନ୍ତି, ଜିଲ୍ଲା Athletic Association ର ଏଥିଲାଗି କଣ ପ୍ରସ୍ତାବ ଥିଲା ସରକାରଙ୍କର ସମ୍ପୃକ୍ତି କଣ ?

----

## MSME ର ସ୍ଥିତି

129 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ MSME ର ବର୍ତ୍ତମାନସ୍ଥିତି କଣ, କେତୋଟି Running ଅବସ୍ଥାରେ ଅଛି, ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସଂଖ୍ୟା କେତେ , ଏଥିରେ ଭବିଷ୍ୟତ ଅଗ୍ରଗତି କଣ ଓ ସରକାରଙ୍କର ସ୍ୱତନ୍ତ୍ର ଯୋଜନା କଣ ?

----

## ଚୁକ୍ତି ବଦ୍ଧ ହୋଇଥିବା ଘରୋଇ କମ୍ପାନୀ

130 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଦୃଢ ଶିଳ୍ପାୟନ ସକାଶେ ସରକାରଙ୍କ ସହିତ 2019 ଠାରୁ ଏପର୍ଯ୍ୟନ୍ତ କେଉଁ ଘରୋଇ କମ୍ପାନୀମାନେ MOU ରେ ଚୁକ୍ତି ବଦ୍ଧ ହୋଇଛନ୍ତି, investment ର ପରିମାଣ କେତେ, ସେମାନେ ବର୍ତ୍ତମାନସୁଦ୍ଧା କେଉଁ କାର୍ଯ୍ୟରେ ଅଗ୍ରସର ହେଲେଣି, ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## UC ମିଳିଥିବା ମିନି ଷ୍ଟାଡିୟମ୍

131 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତୋଟି ବ୍ଲକରେ ଏପର୍ଯ୍ୟନ୍ତ ମିନି ଷ୍ଟାଡିୟମ୍ ନିର୍ମାଣ ସମ୍ପୂର୍ଣ୍ଣ ହୋଇସାରି UC ମିଳିଛି, କେତୋଟି ନିର୍ମାଣ ଅସମ୍ପୂର୍ଣ୍ଣ ଅଛି ଓ କେତୋଟି ଅର୍ଥ ମଞ୍ଜୁର ଥାଇ ନିର୍ମାଣ ହୋଇପାରିନାହିଁ, ଏହାର କାରଣ କଣ, ଜିଲ୍ଲାୱାରୀ ଏହାର ତାଲିକା ଉପସ୍ଥାପନ କରିବେ କି ?

----

## ଛାତ୍ରାବାସ ନିର୍ମାଣର ନୀତି

132 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ Non-Schedule ଅଞ୍ଚଳରେ ଛାତ୍ରାବାସ ନିର୍ମାଣର ନୀତି କଣ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ସେ ଅନୁସାରେ 2021-22ଆର୍ଥିକ ବର୍ଷର ଯୋଜନା କଣ ?

----

## ଆଇଟି କମ୍ପାନୀରେ ପୁଞ୍ଜିନିବେଶ ଏବଂ ନିଯୁକ୍ତି ସମ୍ପର୍କରେ

133 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଗତ 10 ବର୍ଷ ମଧ୍ୟରେ କେଉଁ କେଉଁ ଆଇଟି କମ୍ପାନୀ ରାଜ୍ୟରେ କେଉଁ ବର୍ଷ କେତେ ପୁଞ୍ଜି ନିବେଶ କରି କେତେ କର୍ମସଂସ୍ଥାନ ସୃଷ୍ଟି କରିଛନ୍ତି ସମ୍ପୃକ୍ତ କେଉଁ କମ୍ପାନୀରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରେ ଓଡିଶାରୁ କେତେ ସଂଖ୍ୟକଙ୍କୁ ନିଯୁକ୍ତି ମିଳିଛି ସମ୍ପୃକ୍ତ ବର୍ଷମାନଙ୍କରେ କେଉଁ ବର୍ଷ ଆଇଟି ଶିକ୍ଷାନୁଷ୍ଠାନ ଦ୍ୱାରା କେଉଁ ପ୍ରକ୍ରିୟାରେ କ୍ୟାମ୍ପସ ସିଲେକ୍ସନ କିମ୍ବା ନିଯୁକ୍ତି ମେଳା ମଧ୍ୟରେ କେତେଜଣଙ୍କୁ ନିଯୁକ୍ତି ମିଳିଛି ତାହା ପ୍ରକାଶ କରିବେ କି, ରାଜ୍ୟରେ ଅଧିକ ସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାରଙ୍କ ସ୍ୱତନ୍ତ୍ର ତଥା ନିର୍ଦ୍ଦିଷ୍ଟ ଲକ୍ଷ୍ୟଭିତ୍ତିକ ପଦକ୍ଷେପର ରୂପରେଖ ଓ ସଫଳତାର ହାର ସମ୍ପର୍କରେଏକ ବିବରଣୀ ପ୍ରଦାନ କରିବେ କି ?

----

## ଔଷଧୀ ଓ ଓଷଧୀୟ ଉପକରଣ ଉତ୍ପାଦନ ସମ୍ପାର୍କରେ

134 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ବ୍ୟାପକ ପରିମାଣର ବ୍ୟବହୃତ ହେଉଥିବା କେଉଁ କେଉଁ ପ୍ରମୁଖ ଔଷଧ ଓ ଔଷଧୀୟ ଉପକରଣ ମଧ୍ୟରୁ କେତେ ପ୍ରକାରର ଔଷଧ ଓ କି କି ଉପକରଣ ରାଜ୍ୟ ମଧ୍ୟରେ ଉତ୍ପାଦିତ ହୋଇଥାଏ ଓ 2017-18 ରୁ 2020-21 ବର୍ଷ ମଧ୍ୟରେ କେଉଁ ବର୍ଷ କେତେ ମୁଲ୍ୟର ଔଷଧ ସାମଗ୍ରୀ ରାଜ୍ୟ ବାହାରୁ ଆମଦାନୀ ହୋଇଥିଲା, ଓଡିଶା ଫାର୍ମାସିଉଟିକାଲ ପଲିସି 2016 ଆଧାରରେ ରାଜ୍ୟରେ ସର୍ବାଧିକ ବ୍ୟବହୃତ ତଥା ଚାହିଦା ଥିବା କେଉଁ କେଉଁ ଔଷଧ ଓ ଉପକରଣ ଉତ୍ପାଦନ ନିମନ୍ତେ କେଉଁ ବର୍ଷ କେତେଗୋଟି ଉଦ୍ୟୋଗୀଙ୍କ ଠାରୁ ପ୍ରସ୍ତାବ ମିଳିଥିଲା ସେଥିମଧ୍ୟରୁ କେତେଗୋଟି ପ୍ରକଳ୍ପ କେଉଁ କେଉଁ ସଂସ୍ଥା ଦ୍ୱାରା କେଉଁଠାରେ କେତେ ପୁଞ୍ଜି ବିନିଯୋଗରେ କାର୍ଯ୍ୟକ୍ଷମ ହୋଇଛି ଓ କେତେ ଜଣଙ୍କୁ ନିଯୁକ୍ତି ମିଳିଛି ରାଜ୍ୟରେ ଅଧିକ ସଂଖ୍ୟକ ଫାର୍ମାସିଉଟିକାଲ ଶିଳ୍ପ ପ୍ରତିଷ୍ଠା ନହେବା ଓ ପଲିସି 2016 ରୁ ବିଶେଷ ଆଦୃତ ନହେବା ତଥା ସଫଳତା ନମିଳିବାର ପ୍ରମୁଖ କାରଣ କଣ ?

----

## ଅନୁମୋଦିତ ପ୍ରକଳ୍ପ ସମ୍ପର୍କରେ

135 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାରଙ୍କ ସିଙ୍ଗଲ ୱିଣ୍ଡୋ କମିଟି ଏବଂ ହାଇଲେବଲ କ୍ଲିଅରେନ୍ସ ଅଥରିଟି ଗଠନ ହେବା ବର୍ଷରୁ ଅଦ୍ୟାବଧି କେଉଁ କେଉଁ ବର୍ଷରେ କେତେଗୋଟି ପ୍ରକଳ୍ପକୁ ଅନୁମୋଦନ ଦିଆଯାଇଥିଲା ସମ୍ପୃକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ନିମନ୍ତେ କେତେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ କେତେ ପୁଞ୍ଜି ନିବେଶର ପ୍ରତିଶ୍ରୁତି ମିଳିଥିଲା ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ କେଉଁ ଜିଲ୍ଲାରେ କେତେ ପ୍ରକଳ୍ପ ଅଦ୍ୟାବଧି କାର୍ଯ୍ୟକ୍ଷମ ହୋଇଛି ଓ କେତେ ପୁଞ୍ଜିନିବେଶ ହୋଇଛି ଏବଂ ସଂପୃକ୍ତ ପ୍ରକଳ୍ପରେ କେତେ ସ୍ଥାନିୟ ଯୁବକଯୁବତୀଙ୍କୁ ନିଯୁକ୍ତି ମିଳିଛି ପ୍ରତିଷ୍ଠିତ ହେବାକୁ ଥିବା କେତେ ସଂଖ୍ୟକ ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ ଅଦ୍ୟାବଧି କେତେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିନାହାନ୍ତି କେଉଁ କେଉଁ ପ୍ରମୁଖ କାରଣରୁ ଅନୁମୋଦିତ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ ସମ୍ପୃକ୍ତ କାରଣର ନିରାକରଣ ନିମନ୍ତେ କି କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଓ କଣ କରିବାକୁ ଅଛି ?

----

## ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବ୍ୟୟବରାଦ

136 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ 2020 ରୁ 2025 ମଧ୍ୟରେ କେଉଁ କେଉଁ ବର୍ଷରେ କେଉଁ କେଉଁ କ୍ଷେତ୍ର ନିମନ୍ତେ କେତେ ଅର୍ଥ ଆବଶ୍ୟକ ହେବ ଏଥି ନିମନ୍ତେ କେଉଁ ଭିତ୍ତିକୁ ଆଧାର କରି ଆର୍ଥିକ ଆକଳନ କାହାଦ୍ୱାରା କେଉଁ ପଦ୍ଧତିରେ କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ଆବଶ୍ୟକୀୟ ଅର୍ଥ କେଉଁ ସୂତ୍ରତରୁ ବ୍ୟବସ୍ଥା କରାଯିବା ନିମନ୍ତେ ସରକାର କି କି ପଦକ୍ଷେପ ଗ୍ରହଣ କରିଛନ୍ତି ପଞ୍ଚଦଶ ଅର୍ଥ ଆୟୋଗଙ୍କୁ କେତେ ଅର୍ଥ କେଉଁ କେଉଁ କ୍ଷେତ୍ର ନିମନ୍ତେ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି ସମ୍ପୃକ୍ତ ଅନୁରୋଧ ପତ୍ରରେ କି କି ଯୁକ୍ତିଯୁକ୍ତ ତଥ୍ୟ ଦର୍ଶାଯାଇ ଆବଶ୍ୟକୀୟ ଅର୍ଥର ଯଥାର୍ଥତା ପ୍ରତିପାଦନ କରାଯାଇଛି ତାହା ପ୍ରକାଶ କରିବେ କି ?

----

## ସମୟ ଅବଧୀ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ

137 **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର କେଉଁଠାରେ କେତେ ପୁଞ୍ଜି ବିନିଯୋଗରେ କି କି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜିନ୍ଦଲ ଷ୍ଟିଲ୍ ଏଣ୍ଡ ୱାର୍କ୍ସ (କେଏସଜବ୍ଲୁ) କେବେ ଆବେଦନ କରିଥିଲେ ଏବଂ କେଉଁ ପ୍ରକଳ୍ପକୁ କେଉଁ ସର୍ତ୍ତ ଆଧାରରେ କେବେ ଅନୁମୋଦନ ପ୍ରଦାନ କରାଯାଇଥିଲା ଅନୁମୋଦିତ ପ୍ରକଳ୍ପ ମଧ୍ୟରୁ କେଉଁ ପ୍ରକଳ୍ପରେ କେତେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବାର ପ୍ରତିଶ୍ରୁତି ରହିଥିଲା ଓ କେଉଁ ପ୍ରକଳ୍ପରେ ଅଦ୍ୟାବଧି କେଉଁ କେଉଁ ପର୍ଯ୍ୟାୟରେ ରହିଛି, ସେଥିରେ କେତେ ପୁଞ୍ଜି ବିନିଯୋଗ ହେଲାଣି ଓ କେତେ ଜଣଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିଛି କେଉଁ କାରଣରୁ କେଉଁ ପ୍ରକଳ୍ପ ବିଳମ୍ବିତ ହେଉଛି ଏବଂ କେବେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହେବ ପ୍ରକଳ୍ପକୁ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କେଉଁ କେଉଁ ସର୍ତ୍ତ ପୁରଣ ହୋଇପାରିନାହିଁ ତାହା ଜଣାଇବେ କି ?

----

## ମାଝି ଓ ଭୟଁର ସମ୍ପ୍ରଦାୟକଙ୍କୁ ଜନଜାତି ରେ ଅନ୍ତର୍ଭୁକ୍ତ

138 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ମାଝି ଓ ଭୟଁର ସମ୍ପ୍ରଦାୟକୁ ପଡୋଷୀ ରାଜ୍ୟରେ ଜନଜାତି ସଂମ୍ପ୍ରଦାୟ ର ଅନ୍ତର୍ଭୁକ୍ତ କରାଯାଇଛି । ସେମାନଙ୍କୁ ଅର୍ଥ ନୈତିକ ଓ ସାମାଜିକ ବିକାଶ ପାଇଁ ସେମାନଙ୍କୁ ତଫସିଲ ଜନଜାତି ଶ୍ରେଣୀରେ ଅନ୍ତର୍ଭୁକ୍ତ କରିବାର ଆବଶ୍ୟକତା ରହିଛି । ସରକାର ଏ ଦିଗରେ କିଛି ତ୍ୱରିତ ପଦକ୍ଷେପ ଗ୍ରହଣ କରିବେ କି ଯଦି କରିବେ କେବେ ସୁଦ୍ଧା କାର୍ଯ୍ୟକାରୀ କରିବେ ?

----

## କୁଶଳତା ବୃଦ୍ଧି ନିମନ୍ତେ ଅନୁଦାନ

139 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଗତ ପାଞ୍ଚଟି ଆର୍ଥିକ ବର୍ଷର ସୁନ୍ଦରଗଡ ଜିଲ୍ଲାକୁ ତଫସିଲ ଭୁକ୍ତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗର ଜନସାଧାରଣଙ୍କ କୁଶଳତା ବୃଦ୍ଧି ନିମନ୍ତେ କେତେ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି,ତନ୍ମଧ୍ୟରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ ଅଦ୍ୟାବଧି କେତେ ଜଣଙ୍କର କୁଶଲତା, ବୃଦ୍ଧି ହୋଇଛି ସେମାନେ ବର୍ତ୍ତମାନ କେଉଁ କାର୍ଯ୍ୟ କରୁଛନ୍ତି ?

----

## ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି

140 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟ ସରକାର ଓ ଏନ.ଟି.ପି.ସିର ଦର୍ଲିପାଲି ସୁପର ଥର୍ମାଲ ପାୱାର ପ୍ରକଳ୍ପର ଚୁକ୍ତି ଅନୁସାରେ କେତେ ପ୍ରତିଶତ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଧାର୍ଯ୍ୟ ହୋଇଛି ଓ ପ୍ରକଳ୍ପରେ ବର୍ତ୍ତମାନ ସୁଦ୍ଧା କେତେ ପ୍ରତିଶତ ସ୍ଥାନୀୟ ବେକାରଙ୍କୁ ନିଯୁକ୍ତି ମିଳିଛି ଓ ନିଯୁକ୍ତି ପ୍ରକ୍ରିୟା ନିୟୋଜନ ସଂସ୍ଥା କେଉଁ ଶ୍ରେଣୀର ?

----

## ବାଲି, ମାଟି ଓ ମୋରମ ଉତ୍ତୋଳନ

141 **ଶ୍ରୀମତୀ କୁସୁମ ଟେଟେ (ସୁନ୍ଦରଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଗତ 10 ଟି ଆର୍ଥିକ ବର୍ଷରେ ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର କେଉଁ କ୍ଷୁଦ୍ର ସଇରାତ ଯେପରି କି ବାଲିଘାଟ, ମୋରମ ଖଣି ରୁ କେତେ ପରିମାଣର ରାଜସ୍ୱ ଆଦାୟ ହୋଇଛି । ଉକ୍ତ ଅଞ୍ଚଳରେ ନିର୍ମାଣ ହୋଇଥିବା ଓ ନିର୍ମାଣାଧିନ ପ୍ରକଳ୍ପ ମାନେ କେଉଁ ଠାରୁ କେତେ ପରିମାଣର ବାଲି, ମାଟି ଓ ମୋରମ ଉତ୍ତଳନ କରିଛନ୍ତି ଓ ସେଥିରୁ କେତେ ପରିମାଣର ରାଜସ୍ୱ ଆଦାୟ ହୋଇଛି ?

----

## ବିଜୁଳି ଶକ୍ତିର ଆବଶ୍ୟକତା

142 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର)ः**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ କେତେ ମୋଗାୱାଟ ବିଜୁଳି ଶକ୍ତି ଆବଶ୍ୟକ ପଡୁଛି ଓ କେତେ ଉତ୍ପାଦନ ହୋଇଛି କହିବା ସଙ୍ଗେ ସଙ୍ଗେ ବିଜୁଳି ଉତ୍ପାଦନ କ୍ଷେତ୍ରରେ ଓଡିଶା ଏକ ବଳକା ରାଜ୍ୟ ବୋଲି ସରକାର ବାରମ୍ବାର କହୁଥିବା କଥା ସତ୍ୟ କି ଯଦି ହଁ ତେବେ କେତେ ବଳକା ହେଉଛି କେଉଁ କେଉଁ କ୍ଷେତ୍ରରୁ କେତେ ପରିମାଣରେ ଶକ୍ତି ଉତ୍ପନ୍ନ ହୋଇଛି ତାର ହିସାବ ଦେବା ସଙ୍ଗେ ସଙ୍ଗେ ଗାଁ ମାନଙ୍କରେ ବହୁ ସମୟ ବିଜୁଳି କାଟିବାର କାରଣ କଣ ଓ ବଳକା ବିଦ୍ୟୁତ ଶକ୍ତିକୁ ସରକାର କେଉଁଠି ବିକୁଛନ୍ତି କେତେ ରାଜସ୍ୱ ପାଉଛନ୍ତି କହିବେ କି ?

----

## ବୃହତ ଶିଳ୍ପରେ ଓଡିଆ ପିଲାଙ୍କୁ ନିଯୁକ୍ତି

143 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର)ः**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଥିବା କେଉଁ କେଉଁ ବୃହତ ଶିଳ୍ପ କେତେ ଓଡିଆ ପିଲାଙ୍କୁ ଓ କେତେ ଅଣଓଡିଆ ପିଲାଙ୍କୁ କର୍ମନିଯୁକ୍ତି ଦେଇଛି କହିବେ କି ଓଡିଶାରେ ଜମି, ପାଣି, ଖଣି ବ୍ୟବହାର କରି ଓଡିଶାର ଉନ୍ନତି, ଓଡିଆଙ୍କୁ ନିଯୁକ୍ତି ଓ ପରିବେଶର ସୁରକ୍ଷା ସଙ୍ଗେ ସଙ୍ଗେ Peripheri area ଉନ୍ନତି ପାଇଁ ସାମାଜିକ କାର୍ଯ୍ୟରେ ସହଯୋଗର ହାତ ବଢାଇବା ପାଇଁ କଣ ସବୁ ପଦକ୍ଷେପ ଓ ସାହାଯ୍ୟ କେଉଁ କେଉଁ ଜିଲ୍ଲା ଶିଳ୍ପ କରିଛି ଗତ ତିନି ବର୍ଷ ଭିତରେ ସେ ହିସାବ ଦେବା ସଙ୍ଗେ ସଙ୍ଗେ କରୋନା ମହାମାରୀ ଲକଡାଉନ ସମୟରେ କେଉଁ କେଉଁ ଶିଳ୍ପ କାରାଖାନା କି କି ଜନହିତକର କାର୍ଯ୍ୟ କରିଛନ୍ତି କହିବେ କି ?

----

## ସୀମା ସୁରକ୍ଷା ପାଇଁ ପଦକ୍ଷେପ

144 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର)ः**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଓଡିଶାର ସୀମାନ୍ତ ବର୍ତ୍ତୀ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ପଞ୍ଚାୟତ ଓ ଗ୍ରାମ ଗୁଡିକୁ କେଉଁ କେଉଁ ପଡୋଶୀ ରାଜ୍ୟମନେ ଜବର ଦଖଲ କରିଛନ୍ତି ଓ କେତେ ଏକର ଜମି ମାଡି ବସିଛନ୍ତି, ଆହୁରି ଅନେକ ଅଞ୍ଚଳରେ ନିଜର ବୋଲିଦାବୀ କରି ନିଜ ଅଧିକାରକୁ ନେବା ପାଇଁ ଲଢେଇ ଜାରି ରଖିଛନ୍ତି କହିବା ସଙ୍ଗେ ସଙ୍ଗେ ସୀମାନ୍ତବର୍ତ୍ତୀ ଗାଁର ଲୋକମାନଙ୍କୁ କି କି ସୁବିଧା ସୁଯୋଗ ଆମ ରାଜ୍ୟଠାରୁ ଅଧିକ ପରିମାଣରେ ଦେଇ ଲୋକମାନଙ୍କର ମନ ହୃଦୟ କିଣୁଛନ୍ତି ତାର ତଦନ୍ତ କରି ଆମରାଜ୍ୟର ସୀମା ସୁରକ୍ଷା ପାଇଁ ଠୋସ ପଦକ୍ଷେପ ନେବେ କି ଆମ ରାଜ୍ୟର ସୀମାନ୍ତ ଗାଁ ଗୁ଼ଡିକର ଲୋକମାନଙ୍କୁ ପଡୋସି ରାଜ୍ୟ ନିଜର ଭୋଟର କରିସାରିଲେଣି ବୋଲି ସରକାର ଜାଣନ୍ତି କି ?

----

## ଗ୍ରାମମାନଙ୍କରେ କ୍ରୀଡାବିତ୍ ମାନଙ୍କୁ ଚିହ୍ନଟ

145 **ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର)ः**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କେତେ ପ୍ରକାର ଖେଳ ଅଛି ଏବଂ କେଉଁ କେଉଁ ଖେଳ କେଉଁ କେଉଁ ଜିଲ୍ଲାରେ ବିସେଷ କରି ଆଦୃତ ହୋଇଛି ଓ ଗ୍ରାମ ମାନଙ୍କରେ ପ୍ରକୃତ କ୍ରୀଡାବିତ ମାନଙ୍କୁ ଚିହ୍ନଟ କରି ସେମାନଙ୍କର କ୍ରୀଡାର ବିକାଶ ପାଇଁ କି କି ଉଦ୍ୟମ ଗତ 5 ବର୍ଷ ଭିତରେ କରିଛନ୍ତି ଏବଂ କେଉଁ କ୍ରୀଡା ପ୍ରତି ସରକାର ବିଶେଷ କରି ବେଶୀ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ କ୍ରୀଡାବିତ ମାନଙ୍କ ପାଇଁ ଉତ୍ସାହିତ କରିଛନ୍ତି କହିବେ କି ?

----

## ଭୂମି ହୀନ ଲୋକଙ୍କୁ ଜମି ଯୋଗାଣ

146 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାରେ କେତେ ଭୂମିହୀନ ପରିବାର ବସବାସ କରୁଛନ୍ତି ବ୍ଲକଓ୍ୱାରୀ ତାଲିକା ପ୍ରଦାନ କରିବେ କି, ଆଜିପର୍ଯ୍ୟନ୍ତ କେତେ ଲୋକଙ୍କୁ ଜମି ଯୋଗାଇଦିଆଯାଇଛି ତା'ର ତଥ୍ୟ ଉପସ୍ଥାପନ କରିବେ କି ?

----

## ଥୁଆମୂଳ ରାମପୁର ଠାରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା

147 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- କଳାହାଣ୍ଡି ଜିଲ୍ଲାରେ କେତୋଟି MSME ଶିଳ୍ପ ଚାଲିଛି ଏବଂ କେତୋଟି ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଅଛି, ଥୁଆମୂଳ ରାମପୁର ଠାରେ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ଜଣାଇବେ କି ?

----

## ଆଶ୍ରମ ସ୍କୁଲ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା

148 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ଏନ୍. ପୋଡାପଦର ଗ୍ରା.ପ. ଟି ଇନ୍ଦ୍ରାବତୀ ଜଳ ଭଣ୍ଡାର ଭିତରେ ଅବସ୍ଥାପିତ ଏହା ଏକ ଆଦିବାସୀ ବହୁଳ ପଞ୍ଚାୟତ ଅଟେ, ତେଣୁ ସେଠାରେ ଏକ ଆଶ୍ରମ ସ୍କୁଲ ଖୋଲିବାର ବ୍ୟବସ୍ଥା କରିବେ କି ?

----

## ନୂତନ ରାଜସ୍ୱ ଗ୍ରାମ ପ୍ରତିଷ୍ଠା

149 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କଳାହାଣ୍ଡି ଜିଲ୍ଲାର ଅନେକ ବଡ ବଡ ଗ୍ରାମକୁ ଭାଗ ଭାଗ କରି ଗୋଟିଏ ଲେଖାଏଁ ନୂତନ ରାଜସ୍ୱ ଗ୍ରାମ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି, Settlement Camp ରେ ଏହାକୁ ଚୂଡାନ୍ତ ରୂପ ଦେବା ନିମନ୍ତେ ସରକାର ବ୍ୟବସ୍ଥା କରିଥିବା ସ୍ଥଳେ , ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା ନାହିଁ, କାରଣ କ'ଣ, ଏଥିପାଇଁ ସରକାର ଦୃଢ ପଦକ୍ଷେପ ଗ୍ରହଣ କରିବେ କି ?

----

## ଆଇଟିଡିଏର ବ୍ୟୟ ଅଟକଳ

150 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟର ବିଭିନ୍ନ ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା (ଆଇଟିଡିଏ) ମାନଙ୍କରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ କେତେ ଅର୍ଥ ବ୍ୟୟ ଅଟକଳର କାର୍ଯ୍ୟରେ ବ୍ୟୟ କରାଯାଇଛି, ସେଥିମଧ୍ୟରୁ କେତେ ବ୍ୟୟ ଅଟକଳର କାର୍ଯ୍ୟ ଡିପାର୍ଟମେଣ୍ଟ ଇଞ୍ଜିନିୟରଙ୍କ ଦ୍ୱାରା ସମ୍ପାଦିତ କରାଯାଇଥିବା ବେଳେ କେତେ ବ୍ୟୟ ଅଟକଳର କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ସମ୍ପାଦିତ କରାଯାଇଛି ତାର ବର୍ଷ ଓ ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ?

----

## ଅନୁସୂଚିତ ଜନଜାତି ସମ୍ପ୍ରଦାୟ ବିକାଶ ନିମନ୍ତେ ବ୍ୟୟ

151 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ରାଜ୍ୟରେ ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ଉନ୍ନୟନ ତଥା ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କେଉଁ କେଉଁ ଯୋଜନା କେଉଁ ନାମରେ କେବେଠାରୁ କାର୍ଯ୍ୟକାରୀ କରାଯାଉଛି, ସମ୍ପୃକ୍ତ କେଉଁ ଯୋଜନାରେ 2014-15 ରୁ 2020-21 ବର୍ଷ ମଧ୍ୟରେ କେତେ ଅର୍ଥ ମଞ୍ଜୁର କରାଯାଇଛି ଓ କେତେ ଅର୍ଥ ବ୍ୟୟ ହୋଇଛି ତାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି ; (ଖ) ଅନୁସୂଚିତ ଜନଜାତି ସମ୍ପ୍ରଦାୟଙ୍କ ବିକାଶ ନିମନ୍ତେ ବ୍ୟୟ କରାଯାଉଥିବା ଅର୍ଥର ସଠିକ୍ ବିନିଯୋଗର ସୁଫଳ କେତେ ମିଳିଛି ତାର ମୂଲ୍ୟାୟନ ହେଉଛି କି, ଯଦି ହୋଇଛି ସମ୍ପୃକ୍ତ ମୂଲ୍ୟାୟନ ସମ୍ପର୍କୀତ ଏକ ବିବରଣୀ ପ୍ରଦାନ କରିବେ କି ?

----

## ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା

152 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-(କ) ମୟୂରଭଞ୍ଜ ଜିଲ୍ଲାର କେଉଁ କେଉଁ ଅଞ୍ଚଳରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ବର୍ଗର ଶିଳ୍ପ ପ୍ରତିଷ୍ଠା ନିମନ୍ତେ କି କି ଭିତ୍ତିଭୂମି ରହିଛି, ସମ୍ପୃକ୍ତ ଭିତ୍ତିଭୂମିକୁ ଉପଯୋଗ କରିବା ନିମନ୍ତେ ବିଭାଗ ତରଫରୁ କ'ଣ ଯୋଜନା ପ୍ରସ୍ତୁତ କରାଯାଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେ କି ; (ଖ) ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ପ୍ରତିଷ୍ଠିତ କେଉଁ କେଉଁ ଶିଳ୍ପରେ କ'ଣ ଉତ୍ପାଦନ ହେଉଛି ଏବଂ ଆଗାମୀ ଦିନରେ କେଉଁ କେଉଁ ଶିଳ୍ପ ପ୍ରତିଷ୍ଠା କରି କ'ଣ ଉତ୍ପାଦନ କରିବା ପାଇଁ ଯୋଜନା କରାଯାଇଛି ତାହା ପ୍ରକାଶ କରିବେ କି ?

----

## କ୍ରୀଡାର ଭିତ୍ତିଭୂମି ବିକାଶ

153 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବିଗତ 5 ବର୍ଷ ମଧ୍ୟରେ ରାଜ୍ୟର କେତେ ପଞ୍ଚାୟତରେ କେଉଁ କେଉଁ କ୍ଷେତ୍ରରେ କ୍ରୀଡାର ଭିତ୍ତିଭୂମି ବିକାଶ କରାଯାଇଛି, କେତେ ପଞ୍ଚାୟତର କେତେ ଜମିକୁ କ୍ରୀଡା ଓ ମିନି ଷ୍ଟାଡିୟମ ଆଦି ନିର୍ମାଣ ନିମନ୍ତେ ରଖାଯାଇଛି, ଏ ବାବଦରେ କେତେ ପଞ୍ଚାୟତ ପାଇଁ କେତେ ଅର୍ଥ ବ୍ୟୟ ହୋଇଛି ଏବଂ ଆଗାମୀ ଦିନ ସକାଶେ କେତେ ବ୍ୟୟବରାଦ କରାଯାଇଛି ସମ୍ପୃକ୍ତ ପଞ୍ଚାୟତୱାରୀ ଓ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ଏହା ବାଦ୍ କେତେ ପଞ୍ଚାୟତରେ ଖେଳ ପଡିଆଠୁ ଆରମ୍ଭ କରି ଆନୁଷଙ୍ଗୀକ ସୁବିଧା ଉପଲବ୍ଧ ନାହିଁ, କେବେସୁଦ୍ଧା ସେଠାରେ ସେହି ସୁବିଧା ଉପଲବ୍ଧ ହେବ, ସେସବୁ ପଞ୍ଚାୟତରେ ଖେଳକୁ ପ୍ରୋତ୍ସାହନ ଦେବାକୁ କ'ଣ ବ୍ୟବସ୍ଥା କରାଯାଉଛି ତାହାର ବିବରଣୀ ଦେବେ କି ?

----

## Sports Complex ନିର୍ମାଣ

154 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :- ରାଜ୍ୟରେ କ୍ରୀଡାର ପ୍ରସାର ପାଇଁ କେତେଗୋଟି ଜିଲ୍ଲାସ୍ତରୀୟ ଷ୍ଟାଡିୟମ କାର୍ଯ୍ୟ କରୁଛି ଆଉ କେତେଗୋଟି ଜିଲ୍ଲାରେ ଏହା ନିର୍ମାଣ ହେବାର ଯୋଜନା ଅଛି, କେନ୍ଦ୍ରାପଡା ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ Sports Complex ନିର୍ମାଣ ପାଇଁ ସରକାର ପଦକ୍ଷେପ ନେବେ କି, ଚଳିତ ବର୍ଷ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ବ୍ଲକ ଓ ମୁନିସପାଲିଟି ଗୁଡିକରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ସରକାର କେତେ ଅର୍ଥ ବ୍ୟୟବରାଦ କରିଛନ୍ତି ?

----

## ଆଶ୍ରମ ସ୍କୁଲ ଖୋଲିବାକୁ ପ୍ରସ୍ତାବ

155 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରଛାତ୍ରୀ ମାନଙ୍କ ପାଇଁ କେତେଗୋଟି ଆଶ୍ରମ ସ୍କୁଲ ଖୋଲାଯାଇଅଛି ଏହାର ଜିଲ୍ଲାୱାରୀ ତାଲିକା ଦେବେ କି, କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡାଙ୍ଗମାଳ ଠାରେ ଏକ ଆଶ୍ରମ ସ୍କୁଲ ସ୍ଥାପନ କରି ସମ୍ପୃକ୍ତ ଅଞ୍ଚଳର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ପିଲା ମାନଙ୍କୁ ଉପଯୁକ୍ତ ପାଠପଢାର ସୁବନ୍ଦୋବସ୍ତ ସରକାର କରିବେ କି ?

----

## Cable Line ଜରିଆରେ ବିଦ୍ୟୁତ୍ ସେବା ପ୍ରଦାନ

156 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ଗୁଡିକୁ ପରିବର୍ତ୍ତନ କରି ସେଠାରେ Cable ଲାଇନ ଜରିଆରେ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ସରକାର କଣ କଣ ପଦକ୍ଷେପ ଗ୍ରହଣ କରିଛନ୍ତି, କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀର କେତେ କି.ମି. ବିଦ୍ୟୁତ୍ ଲାଇନ Cable ଲାଇନ କରାଯାଇଅଛି ଏବଂ ଅବଶିଷ୍ଟ କେତେ ଲାଇନ କେବେସୁଦ୍ଧା Cable ଲାଇନ କରାଯାଇ ଲୋକମାନଙ୍କୁ ସୁରକ୍ଷିତ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ?

----

## Sorada Block ରେ Sub-station କାର୍ଯ୍ୟକ୍ଷମ

157 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗଞ୍ଜାମ ଜିଲ୍ଲାର ସୋରଡା ନିର୍ବାଚନ ମଣ୍ଡଳୀର Sorada Block ର ଅଶୁରବନ୍ଧ ଏବଂ Bellagunta Block ନୂଆଗାଁ 33/11 KV Sub-station କେବେସୁଦ୍ଧା କାର୍ଯ୍ୟକ୍ଷମ ହେବ ସମ୍ପୂର୍ଣ୍ଣ ତଥ୍ୟ ଜଣାଇବେ କି ?

----

## Community Centre ଦେବାପାଇଁ ବ୍ୟବସ୍ଥା

158 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗଞ୍ଜାମ ଜିଲ୍ଲାର ସୋରଡା ଅଞ୍ଚଳରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ବ୍ୟକ୍ତି ବସବାସ କରୁଅଛନ୍ତି ଏଣୁ ରାଜ୍ୟ ସରକାର ଏକ Community Centre ଦେବାପାଇଁ ବ୍ୟବସ୍ଥା କରିବେ କି ?

----

## R.I ଅଫିସ ଖୋଲିବା ସମ୍ପର୍କରେ

159 **ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ (ସୋରଡା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗଞ୍ଜାମ ଜିଲ୍ଲାର ସୋରଡା ତହସିଲରେ କେତେଗୋଟି R.I ଅଫିସ ଅଛି ଏବଂ ଗୋଛା/ଗାଜର ବାଡି ପଞ୍ଚାୟତରେ ଏକ R.I ଅଫିସ ଖୋଲିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଜନଜାତି ମହାବିଦ୍ୟାଳୟକୁ +୨ ମହାବିଦ୍ୟାଳୟରେ ପରିଣତ

160 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ନବରଙ୍ଗପୁର ଜିଲ୍ଲାର କେଉଁ ଅନୁସୂଚିତ ଜନଜାତି ବିଦ୍ୟାଳୟକୁ ଉନ୍ନତି କରି +୨ ମହାବିଦ୍ୟାଳୟରେ ପରିଣତ କରିବାକୁ ପ୍ରସ୍ତାବ ଅଛି ଓ ତନ୍ମଧ୍ୟରୁ ଉମରକୋଟ ନିର୍ବାଚନ ମଣ୍ଡଳୀର ରାଇଘର ବ୍ଲକ୍ ଟିମନପୁର ଗ୍ରାମର Govt. (SSD) High School କୁ +୨ ମହାବିଦ୍ୟାଳୟ କିରବେ କି ?

----

## ନିଯୁକ୍ତି ସୃଷ୍ଟି ପାଇଁ ପଦକ୍ଷେପ

161 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ MSME ମାଧ୍ୟମରେ ବିଗତ ୫ ବର୍ଷରେ କେତେ ନିଯୁକ୍ତି ଓ ଆତ୍ମନିଯୁକ୍ତି ପାଇଛନ୍ତି; ସେହିପରି ନବରଙ୍ଗପୁର ଜିଲ୍ଲାରେ କେତେ ସୃଷ୍ଟି ହୋଇଛି ଓ ଏଥିପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଗ୍ରାମାଞ୍ଚଳରେ କ୍ରୀଡାର ପ୍ରସାର

162 **ଶ୍ରୀ ନିତ୍ୟାନନ୍ଦ ଗଣ୍ଡ (ଉମରକୋଟ୍):**

**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡା ଓ ଯୁବକଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗ୍ରାମାଞ୍ଚଳରେ କ୍ରୀଡାର ପ୍ରସାର ପାଇଁ କି କି ପଦକ୍ଷେପ ନିଆଯାଉଛି; ଗ୍ରାମାଞ୍ଚଳ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ କ୍ରୀଡାକ୍ଷେତ୍ରରେ ଆକୃଷ୍ଟ କରିବା ପାଇଁ କେତୋଟି ଖେଳ ପଡିଆର ଉନ୍ନତିକରଣ ସହିତ ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ କେତୋଟି stadium ର ନିର୍ମାଣ କାର୍ଯ୍ୟସମାପ୍ତ ହୋଇଛି; ସେହିପରି ନବରଙ୍ଗପୁର ଜିଲ୍ଲାର କେଉଁ ବ୍ଲକ ଓ ପୌରାପାଳିକାରେ କେଉଁ ସବୁ ଜାଗାରେ କେତୋଟି ଖେଳପଡିଆ ଓ stadium ନିର୍ମାଣ ହୋଇଛି ଓ ଏଥିରେ କେତେ ସରକାରୀ ଟଙ୍କା କେଉଁ ସବୁ ଖେଳ ପଡିଆ ଓ stadium ରେ ଖର୍ଚ୍ଚ ହୋଇଛି ଓ ବର୍ତ୍ତମାନ ଏହାର ସ୍ଥିତି କ'ଣ; ଏହାର ସବିଶେଷ ବିବରଣୀ ଦେବେ କି ?

----

## ସର୍ଗି ମଞ୍ଜି ଯୋଗାଣ ସମ୍ପର୍କରେ

163 **ଶ୍ରୀ କିଶୋର ଚନ୍ଦ୍ର ନାୟକ (କୁଚିଣ୍ଡା):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗତ ୨୦୨୦ ଆର୍ଥିକ ବର୍ଷରେ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ସର୍ବମୋଟ କେତୋଟି ଓ କେଉଁ କେଉଁ SHG ମାଧ୍ୟମରେ ସର୍ଗି ମଞ୍ଜି କେତେ କ୍ୟୁଣ୍ଟାଲ ଲେଖାଏଁ କିଣାଯାଇଥିଲା; କୁଚିଣ୍ଡା ନିର୍ବାଚନ ମଣ୍ଡଳୀର କେତେ SHG କୁ କମିଶନ ବାବଦରେ କେତେ ଟଙ୍କା କେତେ କ୍ୟୁଣ୍ଟାଲ ପାଇଁ କେବେ ପ୍ରଦାନ କରାଯାଇଛି ଓ ତୋଳାଳୀଙ୍କୁ କେଜି ପ୍ରତି କେତେ ଟଙ୍କା ହାରରେ ସର୍ବମୋଟ କେତେ ଟଙ୍କା ପ୍ରଦାନ କରାଯାଇଛି; ଏଥିସହ ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି ?

----

## SC/ST ପଦବୀ ପୂରଣ

164 **ଶ୍ରୀ ଲକ୍ଷ୍ମଣ ମୁଣ୍ଡା (ବୋନାଇ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କ) ଓଡିଶାରାଜ୍ୟ ପଛୁଆବର୍ଗ କମିଶନ ୧୨.୦୨.୨୦୨୦ବର୍ଷ ଗଠନ ହେଲାପରେ କେବେ କମିଶନ କାର୍ଯ୍ୟ ପରିଚାଳନା ପାଇଁ କ'ଣ ସବୁ ଆନୁସଂଗୀକ ବ୍ୟବସ୍ଥା କରାଯାଇଛି ଜଣାଇବେ କି; କେତେ ଜଣ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି କେତେ ଆଉ ଖାଲି ପଡିଛି; ଡେରି ହୋଇଥିବା କାରଣ କ'ଣ ?ଖ) ରାଜ୍ୟରେ ଓ.ବି.ସି. ସର୍ବେ କେବେ ଆରମ୍ଭ ହେଲା, କେବେ ଶେଷ ହେଲା, କେବେ ଓ.ବି.ସି. ନିଜର ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ (ଆର୍ଥିକ/ଶିକ୍ଷା) ସୁବିଧା ପାଇବେ ?ଖାଲିଥିବା SC/ST ପଦବୀ ସଂଖ୍ୟା କେତେ; ଏହା କେବେ ଠାରୁ ଖାଲିପଡିଛି କାରଣ କ'ଣ; କେବେ ସୁଦ୍ଧା ପଦବୀ ପୂରଣ ହେବ ?

----

## ଶ୍ରମିକ ନିଯୁକ୍ତି ସମ୍ପର୍କରେ

165 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ଶକ୍ତି ,ଶିଳ୍ପ , ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କ) ଗୋପାଳପୁର ଟାଟା କମ୍ପାନୀ କାମକରୁଥିବା ମୋଟ କର୍ମଚାରୀ/ଶ୍ରମିକ ସଂଖ୍ୟା କେତେ; କୋଭିଡ୍ ସମୟରେ ଅଧା ଦରମା ପାଇଥିବା ଶ୍ରମିକ କେତେ, କେତେ ଜଣ ଏହି (କରୋନା) ସମୟରେ ଚାକିରୀ ଅନ୍ତର ହୋଇଛନ୍ତି; ବର୍ତ୍ତମାନ ସମସ୍ତ ପୂର୍ବ ଶ୍ରମିକ କାର୍ଯ୍ୟରେ ଯୋଗଦେଲେ କି ? ଖ) ଗତ ୨ବର୍ଷ ଉକ୍ତ କମ୍ପାନୀରେ କ'ଣ ସବୁ ଉତ୍ପାଦନ ହୋଇଛି ତା'ର ପରିମାଣ ଏବଂ ରପ୍ତାନୀ ହୋଇଥିବା ଦ୍ରବ୍ୟ ଜଣାଇବେ କି ?

----

## ସେଟଲେମେଣ୍ଟ କାମ କରିବା ପାଇଁ ବ୍ୟବସ୍ଥା

166 **ଶ୍ରୀ ମୁକେଶ କୁମାର ପାଲ (ପାଲହରା):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ରାଜ୍ୟରେ କେତେ ମସିହାରେ ଶେଷଥର ପାଇଁ ଜମିଜମା ସେଟଲମେଣ୍ଟ କରାଯାଇଥିଲା ଏବଂ ଏବେ ସେଟଲମେଣ୍ଟ ବ୍ୟବସ୍ଥା ଚାଲୁଛି କି; ଯଦି ଚାଲୁନାହିଁ ତେବେ ସେଟଲମେଣ୍ଟ ବ୍ୟବସ୍ଥା କରିବେ କି; ପାଲଲହଡ଼ା ଠାରେ ୧୯୭୫ ମସିହାରେ ସେଟଲମେଣ୍ଟ ହୋଇଥିଲା, ବର୍ତ୍ତମାନ ବିଭିନ୍ନ କାରଣ ଯୋଗୁଁ ଜମିସବୁ ଖଣ୍ଡ ବିଖଣ୍ଡିତ ହୋଇଯାଇଛି ଏଣୁ ଏସବୁକୁ ସେଟଲମେଣ୍ଟ ବ୍ୟବସ୍ଥା କରି ଲୋକଙ୍କୁ ସୁବିଧା ଯୋଗାଇଦେବେ କି ?

----

## ଋଣ ବ୍ୟବସ୍ଥାର ବିବରଣୀ

167 **ଶ୍ରୀ ପ୍ରକାଶ ସୋରେନ୍ (ବାରିପଦା ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ବାରିପଦା ବିଧାନସଭା ଅନ୍ତର୍ଗତ ଖୁଣ୍ଟା ବ୍ଲକ୍, ବଡସାହି ବ୍ଲକ୍, ବାରିପଦା ବ୍ଲକ୍ ଓ Munisipalityରେ ବସବାସ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉଦ୍ୟୋଗ ମାଧ୍ୟମରେ ଆତ୍ମନିଯୁକ୍ତି ସୁଯୋଗ ପ୍ରଦାନ ନିମନ୍ତେ "ଓଡିଶା ଅନୁସୂଚିତ ଜାତି/ସମବାୟ ଅର୍ଥ ନିଗମ" ତରଫରୁ ଗତ ୨ବର୍ଷ ମଧ୍ୟରେ କେତେ ସଂଖ୍ୟକ ଋଣ ବ୍ୟବସ୍ଥା କରିଛନ୍ତି ତା'ର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## Details information of sale deeds from 01.03.2016 to 31.12.2020

168 **Shri. Shankar Oram (Biramitrapur):**

Will the Minister for **Revenue and Disaster Management** be pleased to state that :-The details information of Sale Deeds & Conveyance Deeds as well as Gift Deeds executed from the month of 1st March, 2016 to 31st December, 2020 in the SR-Khandagiri, Bhubaneswar pertaining to allotment of different residential plots by G.A & P. G. Deptt. in different Drawing Nos., B-150 (plot no. 1 to 142), B-131 (plot no. 1 to 233), B-132 (plot no. 1 to 662), B-304 (plot no. 1 to 348) and B-1161 (plot no.1 to 162) Mouza- Chandrasekharpur, Bhubaneswar with detail Conveyance Deed & Sale Deed as well as Gift Deed Nos. of each of the above plot, including names & Addresses of the Buyers, Sellers along with Bench Mark Valuation in tabular form in Drawing wise may be furnished.

----

## ସାଧାରଣ ବର୍ଗର ଲୋକମାନଙ୍କୁ ହସ୍ତାନ୍ତର ହୋଇଥିବା ଜମି

169 **ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ଗତ ୫ବର୍ଷରେ ରାଜ୍ୟରେ ଅନୁସୂଚିତ ଜନଜାତି ଓ ଜାତି ବର୍ଗର କେତେ ବ୍ୟକ୍ତିଙ୍କର କେତେ ଜମିକୁ ସାଧାରଣ ବର୍ଗର ଲୋକମାନଙ୍କୁ ହସ୍ତାନ୍ତର ବା ହଡପ୍ ହୋଇଛି, ସେଥିପାଇଁ ଉଦ୍ଦିଷ୍ଟ ଆଇନକୁ କେତେଜଣ ସରକାରୀ ଅଧିକାରୀ ଖିଲାପ କରିଛନ୍ତି, ଏ ନେଇ କେତେ ମାମଲା ଅଦାଲତରେ ବିଚାରଧୀନ ଓ କେତୋଟି ଫଇସଲା ହୋଇଛି, କେତେଜଣ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, କେତେ ଜମିକୁ ଅନୁସୂଚିତ ଜନଜାତି ଓ ଜାତି ବର୍ଗର କେତେ ବ୍ୟକ୍ତିଙ୍କୁ ଫେରସ୍ତ ହୋଇଛି, ଏସବୁ ମାମଲା ସଂପର୍କରେ ଯଦି ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗକୁ ଅବଗତ କରାଯାଇଛି, ସେସବୁ ସଂପର୍କରେ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି; ଯଦି ଉତ୍ତର ନାଁ ତେବେ ରାଜସ୍ୱ ବିଭାଗ ମାଧ୍ୟମରେ ତଥ୍ୟ ସଂଗ୍ରହ କରି ଅବଗତ କରିବେ କି ?

----

## TRW School କୁ ଅର୍ଥ ପ୍ରଦାନ

170 **ଶ୍ରୀ ସୁବାଶ ଚନ୍ଦ୍ର ପାଣିଗ୍ରାହୀ (ଦେଓଗଡ):**

**ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ତିଳେଇବଣୀ ବ୍ଲକକୁ ITDA ଘୋଷଣା ହେବା ଦିନଠାରୁ କଂସର TRW School କୁ କେଉଁ କେଉଁ ବର୍ଷ କେତେ ଲେଖାଏଁ ଅର୍ଥ ଦିଆଯାଇଛି ଓ କେଉଁ କେଉଁ କାର୍ଯ୍ୟ କରାଯାଇଛି ୨୦୨୧ ମସିହା ପର୍ଯ୍ୟନ୍ତ ଏକ ତାଲିକା ପ୍ରଦାନ କରିବେ କି ?

----

## ଆକସ୍ମିକ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ତାଲିକା ପ୍ରଦାନ

171 **ଶ୍ରୀ ଜୟନ୍ତ କୁମାର ସରଙ୍ଗୀ (ପୁରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-ପୁରୀ ନିର୍ବାଚନ ମଣ୍ଡଳୀରେ ଗତ ଫନିରେ କ୍ଷୟକ୍ଷତି ହୋଇଥିବା ବ୍ଲକସ୍ତରୀୟ ପଞ୍ଚାୟତର ସଂପୂର୍ଣ୍ଣ କ୍ଷୟକ୍ଷତି ପାଇଥିବା ହିତାଧିକାରୀଙ୍କ ନାମ ଓ ଗ୍ରାମର ତାଲିକା ସହିତ ପୁରୀ ମ୍ୟୁନିସିପାଲଟିର ୱାଡ ୱାରୀ ସଂମ୍ପୂର୍ଣ୍ଣ କ୍ଷୟକ୍ଷତି ଅର୍ଥ ପାଇଥିବା ହିତାଧିକାରୀଙ୍କ ନାମ ଓ ଠିକଣା ପ୍ରଦାନ କରିବେ କି; ପୁରୀ ତହସିଲରେ ୧୯/୨୦/୨୧ରେ ସମୁଦାୟ କେତେ ଜଣ ହିତାଧିକାରୀ ଆକସ୍ମିକ ମୃତ୍ୟୁ ବରଣ କରିଛନ୍ତି (ପାଣିରେ ବୁଡିଯିବା, ସାପକାମୁଡା, ଘରପୋଡି ଇତ୍ୟାଦି) ସେମାନଙ୍କର ସଂପୂର୍ଣ୍ଣ ତାଲିକା ସହିତ କେତେ ଜଣ ସରକାରୀ ସାହାଯ୍ୟ ନେଇଛନ୍ତି ଆଉ କେତେ ଜଣ ପାଇବେ ତାହାର ବିବରଣୀ ପ୍ରଦାନ କରିବେ କି ?

----

**ଭୁବନେଶ୍ୱର.** **ଦାଶରଥୀ ଶତପଥୀ,**

**ଶୁକ୍ରବାର, ୧୯ ଫେବୃଆରୀ, ୨୦୨୧.** **ସଚିବ**